**ସଂକ୍ଷେପରେ**

## କାଗଜକଳ ଶ୍ରମିକ ସଂଘ ବୈଠକ

ଜୟପୁର,୧୪।୯ (ପବନ ପାଣିଗ୍ରାହୀ)

କାଗଜ କଳ ଶ୍ରମିକ ସଂଘର ଏକ ଜରୁରୀ ବୈଠକ ଗରୁବାର ସଭାପତି ପ୍ରମୋଦ ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛ। ଗତ ଦୁଇ ମାସ ଧରି କାଗଜ କଳ ବନ୍ଦ ରହିଛି। ଶ୍ରମିକମାନଙ୍କର ୩ମାସର ଦରମା ବାକି ରହିଛି। ଇତି ମଧ୍ୟରେ ଦିଲ୍ଲୀରୁ ଜଣେ ଅଧିକାରୀ ଏମ୍ କେ ଗୁପ୍ତା ଆସି କାରଖାନାକୁ କଞ୍ଚାମାଲ ଯୋଗାଉଥିବା ଭେଣ୍ଡର୍ ମାନଙ୍କ ସହ ଆଲୋଚନା କରିଛନ୍ତି। ତେବେ ଏହି ଆଲୋଚନା ଫଳପ୍ରଦ ହୋଇନି। ଭେଣ୍ଡର୍‌ମାନଙ୍କୁ ବକେୟା ଅର୍ଥ ମିଳିନାହିଁ। ଗୁପ୍ତା ଇତିମଧ୍ୟରେ ଦିଲ୍ଲୀ ଫେରି ଯାଇଛନ୍ତି। ତେବେ ଦିଲ୍ଲୀ ଫେରିବା ପୂର୍ବରୁ ଗପ୍ତା ୟୁନିୟନର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଏହି ମାସ ମଧ୍ୟରେ କାଗଜକଳରୁ ଉତ୍ପାଦନ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ ମଧ୍ୟ ସ୍ଥିତି ଏଯାଏ ଅସ୍ପଷ୍ଟ ରହଥିବା ବୈଠକରେ ଆଲୋଚନା ହୋଇଥିଲା।

## ଚୋରି ମାମଲାରେ ୨ ଗିରଫ

ଜୟପୁର, ୧୪।୯ (ପବନ ପାଣିଗ୍ରାହୀ)

ଏକ ଚୋରି ମାମଲାରେ ସଦର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଅଭିନାଶ ଖୋସଲା (୨୨) ଓ ଦେବ ହରିଜନ (୧୯) । ବାରିଣିପୁଟର ଜଗନ୍ନାଥ କୋଲନୀରେ ରହୁଥିବା ବସନ୍ତ ସ୍ୱାଇଁ ନିଜ ଘର ସମ୍ମୁଖରେ ଏକ ଗାଡିରେ ଗ୍ରୋସରି ଜିନିଷ ପ୍ୟାକେଟ କରି ରଖିଥିଲେ। ସେହି ସବୁ ଜିନିଷ ଚୋରି ହୋଇଯାଇଥିଲା। ଏନେଇ ବସନ୍ତ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଅଭିନାଶ ଓ ଦେବଙ୍କ ସମ୍ପୃକ୍ତି ଥିବା ଜାଣିବା ପରେ ଉଭୟଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

## ଓଡ଼ିଶା ଅମଲା ସଂଘ ଜିଲା ସଭାପତି ଦେଲେ ଏତଲା

ବୋରିଗୁମ୍ମା,୧୪।୯(ବିଜୟ ସାହୁ)

କୋରାପୁଟ ଜିଲା ଓଡ଼ିଶା ଅମଲା ସଂଘ ଜିଲା ସଭାପତି ଶଶିଭୂଷଣ ଦାଶ ବୋରିଗୁମ୍ମା ବିଡିଓଙ୍କ କାର୍ଯ୍ୟାଳୟରେ କନିଷ୍ଠ ସହାୟକ ଭାବେ କାର୍ଯ୍ୟରତ ଜଗନ୍ନାଥ ନାୟକଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ନାୟକ ଅନେକ ଦିନ ହେଲା ମୋବାଇଲ ଫୋନରେ ବିଭିନ୍ନ ଗ୍ରୁପ୍‌ରେ ବିଭିନ୍ନ ବିଷୟରେ ପୋଷ୍ଟ କରିବା ସହ ରାଜ୍ୟ ସଂଘ ଓ ଜିଲା ସଂଘ କର୍ମକର୍ତ୍ତାଙ୍କୁ ତାସଲ୍ୟ କରି ଆସୁଥିଲେ। ତାଙ୍କୁ ଏହା ନ କରିବାକୁ ଜିଲା ଅମଲା ସଂଘ ପରାମର୍ଶ ଦେଇଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଶେଷରେ ନାୟକଙ୍କୁ ଗ୍ରୁପ୍‌ରୁ ବାହାର କରାଯାଇଥିଲା। ଏହା ସତ୍ତ୍ୱେ ସେ ଅନ୍ୟ ଗ୍ରୁପ୍‌ରେ ସଭାପତି, ସମ୍ପାଦକ ଓ ବରିଷ୍ଠ କର୍ମକର୍ତ୍ତାଗଣଙ୍କୁ ତାସଲ୍ୟକରି ଶଶିଭୂଷଣ ଦାଶଙ୍କ ନାମରେ ଗ୍ରୁପ୍‌ରେ ପୋଷ୍ଟକରି ଆସୁଥିଲେ। ବାରମ୍ବାର କହିବାରୁ ନାୟକ ନ ଶୁଣିବାରୁ ତାଙ୍କ ନାମରେ ସଭାପତି ଦାଶ ବୋରିଗୁମ୍ମା ଥାନାରେ ଏତଲା ଦେଇଛନ୍ତି। ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# ଆନ୍ଧ୍ରରେ ନିର୍ଯାତିତ ନବରଙ୍ଗପୁରର ଶ୍ରମିକ ଚାଲିଚାଲି ଫେରିଲେ

ପଟ୍ଟାଙ୍ଗି,୧୪।୯(ଶରତ ଧଳ)

ନିଜ ଅଞ୍ଚଳରେ ସରକାରଙ୍କ ପକ୍ଷରୁ କାମ ପାଉଥିଲେ ମଧ୍ୟ ଠିକ୍ ସମୟରେ ପାରିଶ୍ରମିକ ବାବଦ ଅର୍ଥ ପାଉ ନ ଥିବାରୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଶ୍ରମିକମାନେ ଯିବାକୁ ବାଧ ହୋଇଛନ୍ତି। ନବରଙ୍ଗପୁର ଜିଲାରୁ ଆନ୍ଧ୍ରକୁ ରୋଜଗାର ଆଶାରେ ଯାଇ ନିର୍ଯାତିତ ହୋଇ ଫେରିଥିବା ୫ଜଣ ଶ୍ରମିକଙ୍କୁ କୋରାପୁଟ ଜିଲା ପଟ୍ଟାଙ୍ଗି ବସ୍‌ଷ୍ଟାଣ୍ଡରେ ଗୁରୁବାର ବସିଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ କରୁଣ କାହାଣୀ ଜାଣିବା ପରେ ପଟ୍ଟାଙ୍ଗି ମୋଟର ଚାଳକ ସଂଘ ସହାୟତା ଯୋଗାଇ ଦେଇଛି।

ଖବରରୁ ଜଣାପଡିଛି, ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ଭାଲୁକନାଡି ଗ୍ରାମର ଜଗନ୍ନାଥ ଜାନି, ଦେବସିଙ୍ଗ୍ ମାଝି, ପୁରୁଷୋତ୍ତମ ମାଝି, ନବ ଜାନି ଓ ସାଇଦର ସାନ୍ତା ପଡୋଶୀ ଇଚ୍ଛାପୁର ଗ୍ରାମର ଭଇରା ନାମକ ଜଣେ ଯୁବକଙ୍କ ସହାୟତାରେ ଆନ୍ଧ୍ରର ବିଶାଖାପାଟଣା ସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇଥିଲେ। ଦିନକୁ ୩ଶହ ଟଙ୍କା ମଜୁରି ହିସାବରେ ଏହି ଶ୍ରମିକମାନେ କାର୍ଯ୍ୟ କରୁଥିଲେ। ତେବେ ୩ ମାସ କାର୍ଯ୍ୟ କରି ମାଲିକଙ୍କୁ ନିଜ ମଜୁରି ବାବଦ ଟଙ୍କା ମାଗିଥିଲେ। ମାତ୍ର କମ୍ପାନୀ ମାଲିକ ସେମାନଙ୍କୁ ଟଙ୍କା ଦେବା ବଦଳରେ ନିର୍ଯାତନା ଦେଇଥିଲେ। ଏହା ସହି ନ ପାରି ସମ୍ପୃକ୍ତ ଶ୍ରମିକମାନେ

ଶେଷରେ ମଙ୍ଗଳବାର ସନ୍ଧ୍ୟାରେ ବିଶାଖାପାଟଣାରୁ ବାହାରି ୧୬୦ କି.ମି. ଚାଲି ଚାଲି ଆସି ଗୁରୁବାର ସାଲୁର ଘାଟରେ ପହଞ୍ଚିଥିଲେ। ଏହି ସମୟରେ ପଟ୍ଟାଙ୍ଗି ଅଞ୍ଚଳର ଏକ ଗାଡ଼ି ସେମାନଙ୍କୁ ସହାୟତା କରିଥିଲା। ସେମାନଙ୍କୁ ଆଣି ପଟ୍ଟାଙ୍ଗି ବସ୍‌ଷ୍ଟାଣ୍ଡରେ ପହଞ୍ଚାଇଥିଲା। ଏନେଇ ଖବର ପାଇ ଓଡ଼ିଶା ମୋଟର ଚାଳକ ସଂଘର ପଟ୍ଟାଙ୍ଗି ଶାଖା ସଭାପତି ଅର୍ଜୁନ ଖରା, ଉପସଭାପତି ଭଗବାନ ପଡାଲ ଓ ସାଧାରଣ ସମ୍ପାଦକ ଶରତ ଧଳ ପ୍ରମୁଖ ଶ୍ରମିକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କଠାରୁ ସମସ୍ତ ଘଟଣା ପଚାରି ବୁଝିଥିଲେ। ସମ୍ପୃକ୍ତ ଶ୍ରମିକମାନେ ନିଜ ପାରିଶ୍ରମିକ ଅର୍ଥ ଜଣକ ପିଛା ୨୭ ହଜାର ଲେଖାଏ ନ ପାଇ ଖାଲି ହାତରେ ଚାଲିଚାଲି ଆସିଥିବା ସଂଘ କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ସେମାନଙ୍କ ସମସ୍ୟା ଜାଣିବା ପରେ ସଂଘ ପକ୍ଷରୁ ସେମାନଙ୍କୁ କିଛି ଆର୍ଥିକ ସହାୟତା ଯୋଗାଇଦେବା ସହ ସେମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କୁ ସେମାନଙ୍କ ଗ୍ରାମରେ ପହଞ୍ଚିବା ଲାଗି କର୍ମକର୍ତ୍ତାମାନେ ସମସ୍ତ ସହଯୋଗ କରିଥିଲେ।



ପଟ୍ଟାଙ୍ଗି ମୋଟର ଚାଳକ ସଂଘ କର୍ମକର୍ତ୍ତା ଶ୍ରମିକମାନଙ୍କୁ ସହାୟତା ଯୋଗାଇ ଦେଉଛନ୍ତି।

**ସହାୟତା ଯୋଗାଇଦେଲା ପଟ୍ଟାଙ୍ଗି ମୋଟର ଚାଳକ ସଂଘ**

# ଶୈବପୀଠ ରାସ୍ତା ଶୋଚନୀୟ

ମାଲକାନଗିରି,୧୪।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପୌର ପରିଷଦ ପର୍ବତ ଉପରେ ପ୍ରସିଦ୍ଧ ଶୈବପୀଠ ମଲ୍ଲିକେଶ୍ୱର ରହିଛି । ବର୍ଷସାରା ଏହି ଶୈବ ପୀଠକୁ ବହୁ ସଂଖ୍ୟକ ଭକ୍ତ ଶିବରାତ୍ର, କାର୍ତ୍ତିକ ସୋମବାର, କାର୍ତ୍ତିକ ପୂର୍ଣ୍ଣିମା, ବୋଲ ବମ୍ ଭକ୍ତଙ୍କ ଜଳାଭିଷେକ ଏବଂ ବିଭିନ୍ନ ପର୍ବପର୍ବାଣି ସହ ପ୍ରତ୍ୟେକ ସୋମବାର ପ୍ରବଳ ଭିଡ଼ ହୋଇଥାଏ । ଏହି ଶୈବପୀଠର ବିକାଶ ପାଇଁ ରାଜ୍ୟ ସରକାର ଜିଲା ପ୍ରଶାସନ ମାଧ୍ୟମରେ ପ୍ରାୟତଃ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରିଛନ୍ତି। ମାତ୍ର ସହରଠାରୁ ୧ କି.ମି. ରାସ୍ତା ଗତ ବର୍ଷକ ପୂର୍ବରୁ ତିଆରି କରାଯାଇଥିଲା। କିନ୍ତୁ ବର୍ଷେ ନ ପୂରୁଣୁ ଏହି ରାସ୍ତା ଖାଲ, ପାଣିରେ ଭର୍ତ୍ତି ହୋଇଥିବା ଯୋଗୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଫଳରେ ଦୂରଦୂରାନ୍ତ ଓ ସ୍ଥାନୀୟ ଅଞ୍ଚଳରୁ ଯାଉଥିବା ଭକ୍ତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ମଧ୍ୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବର୍ତ୍ତମାନ ବର୍ଷା ଲାଗି ରହିଥିବାରୁ ରାସ୍ତା ମରାମତି କାମ ହୋଇପାରୁନାହିଁ। ବର୍ଷା କମିଲା ପରେ ମରାମତି କରାଯିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।



ଶୋଚନୀୟ ହୋଇପଡ଼ିଥିବା ରାସ୍ତା ।

# ଡିଏଲ୍‌ଏସ୍‌ଏର ଆଇନ ସଚେତନତା ଶିବିର

ନବରଙ୍ଗପୁର, ୧୪।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ତାରାଗାଁ ନୋଡାଲ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଆଇନ ସଚେତନା ଶିବିର କରାଯାଇଛି। ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସଂଜୀବ ଦୁବେଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ଜନକ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଇଓ ରେଶମଲାଲ ନାୟକ, ଅରୁଣ ଜିଲା ଶିଶୁ ସୁରକ୍ଷା ସମିତିର ପ୍ରଭାସିନୀ ପଟ୍ଟନାୟକ ଓ ସନ୍ଦୀପ ପଣ୍ଡା, ବିଦ୍ୟାଳୟର ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। ପୋକ୍‌ସୋ ଆକ୍ଟ, ବିଭିନ୍ନ ଅପରାଧରୁ ବଞ୍ଚିଥିବା ମହିଳାଙ୍କ ପାଇଁ କ୍ଷତିପୂରଣ ଯୋଜନା, ସାଇବର ଆଇନ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିକ୍ଷକ ସନ୍ଦୀପ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଜିଲା ଆଇନ ସେବା ପ୍ରାଧିକରଣ ପରିଚାଳନା କରିଛି।




ଶିବିରରେ ଜଣେ ବକ୍ତା ନିଜ ମତ ଦେଉଛନ୍ତି ।

## ସଚେତନତା କାର୍ଯ୍ୟକ୍ରମ

ଜୟପୁର,୧୪।୯(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାମିଣିପୁଟ ଉଚ୍ଚବିଦ୍ୟାଳୟରେ ଶିଶୁମାନଙ୍କ ଯତ୍ନ, ସୁରକ୍ଷା ଏବଂ ପୋକ୍ସୋ ଅଧିନିୟମ ଅନୁଯାୟୀ ପୀଡିତାଙ୍କ କ୍ଷତିପୂରଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ସତ୍ୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକମରେ ପ୍ରାଧିକରଣ ସଚିବ ସୁମନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତା'ସହ ଆଇନଜୀବୀ ହରିଶଚନ୍ଦ୍ର ମୁଦୁଲି, ରିଟେନର ପି.ସନ୍ୟାସୀ ରାଓ ଅନ୍ୟତମ ଅତିଥି ରୂପେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ଶିଶୁ ଏହି ବୟସରେ ଯଦି କେହି କିଛି ଅପରାଧ କରନ୍ତି ତେବେ ତାଙ୍କୁ ଦଣ୍ଡସ୍ୱରୂପ ସୁଧାର ଗୃହରେ ରଖାଯାଏ ବୋଲି ବୁଝାଇ ଏଥିରୁ ଶିଶୁମାନେ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଜଣେ ମହିଳା ବଳାତ୍କାରର ଶିକାର ହେଲେ ଏହାକୁ ନିଜ ପରିବାର ପୋଲିସକୁ ଜଣାଇବାକୁ ସଙ୍କୋଚ କରିଥାନ୍ତି। ପରିବାରର ସମ୍ମାନହାନି ହେବା ଆଶଙ୍କା ଥିବାରୁ ନୀରବ ରହିବାକୁ ଉଚିତ ମଣନ୍ତି। ଏପରି କ୍ଷେତ୍ରରେ ସମ୍ପୃକ୍ତା ମହିଳା ପ୍ରାଧିକରଣର ସହାୟତା ନେଇପାରିବେ ।

# ଅପରାଜିତାଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ



ଭାଜପା ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ମାଲକାନଗିରି,୧୪।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାକୁ ଆସନ୍ତା ୧୫ ତାରିଖରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଆସିବା କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ମାଲକାନଗିରି ବିକାଶ ପରିଷଦ ପକ୍ଷରୁ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିକାଶ ପରିଷଦ ଆବାହକ ଇ. ପ୍ରସାଦ ରାଓଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରୁ ଆସିଥିବା ଟିମ୍ ଅପରାଜିତାଙ୍କ ବରିଷ୍ଠ କାର୍ଯ୍ୟକର୍ତ୍ତା ଜୀବନ ସାହୁ ଉପସ୍ଥିତ ଥିଲେ। ବୈଠକରେ ଅପରାଜିତାଙ୍କ ଗସ୍ତକୁ ନେଇ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଅପରାଜିତା ଜିଲା ଗସ୍ତରେ ଆସିବା ସମୟରେ ପ୍ରଥମେ ଗୋବିନ୍ଦପାଲ୍ଲୀ ଓ ମାଥିଲିଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ପରେ ଜିଲା ସଦରରେ ଥିବା ବସ୍‌ଷ୍ଟାଣ୍ଡରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଏକ ବିଶାଳ ପଦ ଯାତ୍ରାରେ ଆଣି ଦଣ୍ଡକାରଣ୍ୟ ଖେଳ ପଡିଆରେ ହେବାକୁ ଥିବା ସଭାସ୍ଥଳକୁ ନିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ମାଲକାନଗିରି ଜିଲାର ଅନେକ ଭାଜପା ପଦାଧିକାରୀ ତଥା ବିକାଶ ପରିଷଦ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରରୁ ଆସିଥିବା ନିଶିକାନ୍ତ ନାୟକ, ରଶ୍ମିରଞ୍ଜନ ଲେଙ୍କା ଓ ବିଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଜୀବେ ନିଷ୍ଠୁରତା ନିରୋଧ ଜନ ସଚେତନତା କାର୍ଯ୍ୟକ୍ରମ

ପଡିଆ,୧୪।୯(ଭାସ୍କର ରାଓ)

ମାଲକାନଗିରି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପଡିଆ ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ଜୀବେ ନିଷ୍ଠୁରତା ନିରୋଧ ସଂକ୍ରାନ୍ତରେ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସୁରଭି ଭୌମିକ, ସମ୍ମାନିତ ଅତିଥି ବିଡିଓ ରାମ କୃଷ୍ଣ ନାୟକ, ଥାନା ଅଧିକାରୀ ରାମେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ବିଜୟ ପାତ୍ର, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଚିନ୍ମୟ ଦାସ, ଏସ୍‌ପିସିଏ ମେମ୍ବରଙ୍କ ସମେତ ସରକାରୀ ଏବଂ ବେସରକାରୀ ବିଭାଗ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜୀବେ ନିଷ୍ଠୁରତା ନିରୋଧ ସଂକ୍ରାନ୍ତରେ ଥିବା ଆଇନ। ସେଥିରେ ଯେଉଁ ସବୁ ନୀତି ନିୟମ ରହିଛି ସେଗୁଡିକ ହେଲା ଜୀବମାନଙ୍କୁ କିପରି ନିଷ୍ଠୁରଙ୍କ କବଳରୁ ରକ୍ଷା, ନିଷ୍ଠୁରତା ସହ ଜୀବ ହତ୍ୟା, ନିଷ୍ଠୁରତା ସହ ଦଣ୍ଡ ଓ ବାହାର ରାଜ୍ୟକୁ ଗୋ ଚାଲାଣ ଭଳି କାର୍ଯ୍ୟ ଉପରେ ଆଇନତଃ ଦଣ୍ଡ ବିଧାନ ରହିଛି । ଏହାକୁ ନେଇ ଲୋକମାନଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି। ଏହା ସହ ଅଞ୍ଚଳରେ ମାଲିକ ବିହୀନ ଗୋରୁମାନଙ୍କୁ ପ୍ରାଣୀ ଆଶ୍ରୟସ୍ଥଳୀ କରାଯାଇ ସେଠାରେ ନେଇ ରଖି ସେମାନଙ୍କ ଦାୟିତ୍ୱ ତୁଲାଇବାର ବ୍ୟବସ୍ଥା କରାଯିବାର ଆବଶ୍ୟକ ରହିଛି। ଏଥି ପାଇଁ ଯାହା ଦରକାର ତାହା ଜିଲା ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପାତ୍ର କହି ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀଙ୍କ ସହ ଅନ୍ୟମାନେ ।

# ପୋଲ ଗାତକୁ ପଥର, ବାଲି ଭରି ସମତୁଲ କଲେ ଲୋକେ

ଜେକେପୁର,୧୪।୯ (ନିଧି ଗାଣ୍ଡେଚା)

ନାଉଡୁପେଟା ପୋଲରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ଏହାକୁ ମରାମତି ପାଇଁ ବାରମ୍ବାର ଦାବି ସତ୍ତ୍ୱେ ଜାତୀୟ ରାଜପଥ ବିଭାଗ ଓ ପ୍ରଶାସନ କୌଣସି ପଦକ୍ଷେପ ନେଲେ ନାହିଁ। ଫଳରେ ବାଧ୍ୟ ହୋଇ ଜେକେପୁର ଓ ନାଇଡୁପେଟା ବୁଦ୍ଧିଜୀବୀ ଗାତରେ ପଥର ଓ ବାଲି ଭର୍ତ୍ତି କରି ସମତୁଲ କରିଛନ୍ତି। ଜେକେପୁର ନିକଟସ୍ଥ ନାଇଡୁପେଟା ଗ୍ରାମ ଦେଇ ଯାଇଥିବା ୩୨୬ନଂ ଜାତୀୟ ରାଜପଥରେ ରହିଥିବା ପୋଲ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ସେଠାରେ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଥିଲା । ଏବେ ବର୍ଷା ଲାଗି ରହିଥିବାରୁ ପୋଲରେ ଥିବା ଗର୍ତ୍ତଗୁଡ଼ିକରେ ପାଣି ଜମି ରହୁଥିବାରୁ ଗାଡ଼ିଗୁଡ଼ିକ ଯିବା ସମୟରେ ଜାଣି ନ ପାରି ଦୁର୍ଘଟଣା ଘଟିବାର ଆଶଙ୍କା ରହୁଥିଲା । ତେଣୁ ଜେକେପୁର ଓ ନାଇଡୁପେଟା ଅଞ୍ଚଳରେ ବୁଦ୍ଧିଜୀବୀ ଏହି ପୋଲର ଗର୍ତ୍ତରେ ପଥର ଓ ବାଲି ପକାଇ ସମତୁଲ କରିଛନ୍ତି। ଏଥିରେ ଡ୍ରାଇଭର ମହାସଂଘର କିଛି ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଓ ସମାସେବୀମାନେ ସହଯୋଗ କରିଥିଲେ । ତେବେ ଜାତୀୟ ରାଜପଥ ବିଭାଗ ଏହି ରାସ୍ତା ଉପରେ ବିଶେଷ ଦୃଷ୍ଟି ଦେଇ ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



# ସ୍ୱେଚ୍ଛାକୃତ ଅଙ୍ଗଦାନ ନେଇ ପ୍ରତିଜ୍ଞା

ମାଲକାନଗିରି,୧୪।୯(ଦୁର୍ଯ୍ୟୋଧନ ପାତ୍ର)

**ଆୟୁଷ୍ମାନ ଭବ ଅଭିଯାନ ଶୁଭାରମ୍ଭ**

ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ ଗୁରୁବାର ସୁସ୍ଥ ଭାରତ ସମର୍ଥ ଭାରତର ଆୟୁଷ୍ମାନ ଭବ ଅଭିଯାନ ଶୁଭାରମ୍ଭ ହୋଇଛି। ଏହି ଅବସରରେ ସ୍ୱେଚ୍ଛାକୃତ ଅଙ୍ଗଦାନ କରିବା ପାଇଁ ସଚେତନତା ଓ ପ୍ରତିଜ୍ଞା କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆୟୁଷ୍ମାନ ଭବ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପିତ ହେବା ପରେ ମାଲକାନଗିରି ରକ୍ତଭଣ୍ଡାର ସଭାଗୃହରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଫୁଲ୍ଲ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ଯୋଗ ଦେଇ ଜିଲାରେ ଆୟୁଷ୍ମାନଭବ ଅଭିଯାନକୁ ଉଦ୍‌ଘାଟନ କରିଥିଲେ। ଏହା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ବିସ୍ତାର ଓ ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ସାପ୍ତାହିକ ସ୍ୱାସ୍ଥ୍ୟମେଳାର ଆୟୋଜନ କରାଯିବ । ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ୱେଚ୍ଛାକୃତ ଅଙ୍ଗଦାନ ପାଇଁ ସୂଚନା ଓ ପ୍ରତିଜ୍ଞା କରାଯାଇ ସମସ୍ତ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାର ବ୍ୟବସ୍ଥା କରାଯିବ ବୋଲି ନନ୍ଦ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ବ୍ରଜବନ୍ଧୁ ଦାଶ, ମଶାବାହିତ ରୋଗ ଉପନିର୍ଦ୍ଦେଶକ ଡାକ୍ତର ଧନେଶ୍ୱର ମହାପାତ୍ର, ଡାକ୍ତର ଦୁର୍ଗା ପ୍ରସାଦ ରାଜ, ଜାତୀୟ ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ଅଧିକାରୀ ସସ୍ମିତା ସାହୁ, ମଶା ବାହିତ ରୋଗ ପରାମର୍ଶଦାତା ଅଜିତ କୁମାର ଦଳେଇ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲାରେ ନୂତନ ଭାବେ ନିଯୁକ୍ତି ପାଇଥିବା ୩୬ ଯୁବ ଡାକ୍ତରଙ୍କୁ ଆୟୁଷ୍ମାନଭବ ଅଭିଯାନ ଓ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ବ୍ୟବସ୍ଥା କରାଯିବା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ଭାଜପା ସରକାର ଆସିଲେ ଶିକ୍ଷକଙ୍କ ଦାବି ପୂରଣ କରାଯିବ: ମନମୋହନ

ଗୁଣପୁର/ବିଷମ କଟକ,୧୪।୯
(ପ୍ରଦୀପ କୁମାର ପାଢ଼ୀ/ବିଭୂତି ଭୂଷଣ ନାୟକ)

- ଭାଜପା ରାଜ୍ୟ ସଭାପତିଙ୍କ ଗୁଣପୁର ଗସ୍ତ
- ଦଳକୁ ସୁଦୃଢ଼ କରିବାକୁ କର୍ମୀଙ୍କୁ ଆହ୍ୱାନ

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗୁରୁବାର ରାୟଗଡା ଜିଲା ଗୁଣପୁର ଓ ବିଷମକଟକ ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଗୁଣପୁର ଓ ବିଷମକଟକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଚାଲିଥିବା ଶିକ୍ଷକଙ୍କ ଆନ୍ଦୋଳନରେ ମନମୋହନ ସାମିଲ ହୋଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଏଥିସହ ଶିକ୍ଷକଙ୍କ ଆନ୍ଦୋଳନକୁ ଭାଜପା ସମର୍ଥନ କରୁଥିବାବେଳେ ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଦଳର ସମର୍ଥନ ଜାରି ରହିବ ବୋଲି ସେ କହିଛନ୍ତି। ଯଦି ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି ତେବେ ଦଳର ଇସ୍ତାହାରରେ ତାହା ସ୍ଥାନ ପାଇବ। ଆଗାମୀ ନିର୍ବାଚନରେ ଭାଜପା ସରକାର ଆସିଲେ ପ୍ରଥମ ଦିନରେ ଶିକ୍ଷକଙ୍କ ଦାବି ପୂରଣ କରାଯିବ ବୋଲି ରାଜ୍ୟ ସଭାପତି ସାମଲ ଆନ୍ଦୋଳନରତ ଶିକ୍ଷକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ସାମଲ ଗୁଣପୁରରେ ପହଞ୍ଚିବା ପରେ କଲେଜ ଛକଠାରେ ଦଳର ବରିଷ୍ଠ ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସେ ଗଣେଶ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ମାଧ୍ୟମରେ ମାଟି ସଂଗ୍ରହ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛକଠାରେ ପଦ୍ମଶ୍ରୀ ଶାନ୍ତିଦେବୀଙ୍କ ସେବା ସମାଜ ଏବଂ ପୁରୁଣା ଗୁଣପୁରଠାରେ ଶହୀଦ ପୀତବାସ ବେହେରାଙ୍କ ଘରୁ ମୋ ଦେଶ ମୋ ମାଟି ପାଇଁ ମାଟି ସଂଗ୍ରହ କରିଥିଲେ। ଶେଷରେ ଟାଉନ ହଲ୍‌ଠାରେ କର୍ମୀ ସମ୍ମିଳନୀରେ ସାମଲ ଯୋଗଦେଇ ରାଜ୍ୟ ସରକାରଙ୍କ ବିଫଳତା, ଦୁର୍ନୀତି, ଭ୍ରଷ୍ଟାଚାର, ଅହଂକାର ଶାସନ ଉପରେ ବର୍ଷିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଏବଂ ରାଜ୍ୟକୁ ଆସିଥିବା ଅନୁଦାନ ସମ୍ପର୍କରେ ସୂଚନା ଦେଇଥିଲେ। ଯେତିକି ଅନୁଦାନ ଆସିଛି ସେହି ତୁଳନାରେ ଓଡ଼ିଶାର ବିକାଶ ହୋଇନାହିଁ। ତେଣୁ ଦଳୀୟ ନେତା ଏବଂ କର୍ମୀମାନେ କଠିନ ପରିଶ୍ରମ କରିବା ସହ ଦଳକୁ କିପରି ସୁଦୃଢ କରାଯିବ ସେ ଦିଗରେ ଦୃଷ୍ଟିଦେଇ କାର୍ଯ୍ୟ କରିବାକୁ ନେତା ଏବଂ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ଶିବ ପଟ୍ଟନାୟକ, ଉପସଭାପତି ୱାଇ.ଗଣପତି, ଆଦିବାସୀ ମୋର୍ଚ୍ଚାର ଜାତୀୟ ସାଧାରଣ ସମ୍ପାଦକ କାଳୀରାମ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା, ଓବିସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ରାମଚନ୍ଦ୍ର ବେହେରା, ଏସ୍‌ଟି ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ବିଦ୍ୟାଧର ଶବର, ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢ଼ୀ, ଜିଲା ସମ୍ପାଦକ ଶ୍ରୀନିବାସ ସ୍ୱାଇଁ, ନଗରସଭାପତି ଅମର ସାହୁ, ଜଗନ୍ନାଥପୁର ମଣ୍ଡଳସଭାପତି ପୃଥ୍ୱୀରାଜ ପାଢୀଙ୍କ ସମେତ ବହୁ ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

ସେହିପରି ବିଷମକଟକ ମା' ମାର୍କମା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ମାଧ୍ୟମରେ ମାଟି ସଂଗ୍ରହ କରିଥିଲେ। ପରେ ବିଷମକଟକ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏକ ଦଳୀୟ ବୈଠକରେ ଯୋଗଦେଇ ଆସନ୍ତା ନିର୍ବାଚନରେ ଦଳ କିପରି ଭଲ ପ୍ରଦର୍ଶନ କରିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ବୈଠକରେ କୋଲନରା ବ୍ଲକ ଉପାଧ୍ୟକ୍ଷ ହଳଧର କାଡ୍ରାକା ପ୍ରମୁଖ ମଞ୍ଚସୀନ ଥିଲେ । ଗୌତମ ଉଲାକା, ଚୁନା ପାଢ଼ୀ ଏବଂ ସମସ୍ତ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।




କର୍ମୀ ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉଦ୍‌ବୋଧନ ଦେଉଛନ୍ତି।

## ରାଷ୍ଟ୍ର ଭାଷା ହିନ୍ଦୀ ଦିବସ ପାଳିତ

ଗୁଣପୁର,(ପ୍ରଦୀପ କୁମାର ପାଢ଼ୀ)-ଗୁଣପୁରଠାରେ ରାଷ୍ଟ୍ର ଭାଷା ହିନ୍ଦୀ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ମହାତ୍ମା ଗାନ୍ଧୀ ଅନ୍ତର୍ଜାତୀୟ ସ୍କୁଲର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ସଚେତନତା ବାର୍ତ୍ତା ବାଣ୍ଟି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ରାଷ୍ଟ୍ରଭାଷା ହିନ୍ଦୀର ମହତ୍ତ୍ୱ ଉପରେ ସଚେତନ କରିଥିଲେ। ଏହି ଅବସରରେ ସ୍କୁଲରେ ହିନ୍ଦୀରେ ବକ୍ତୃତା ଏବଂ ଲିଖନ ପ୍ରତିଯୋଗିତା ହୋଇଥିଲା। ସ୍କୁଲର ଅଧ୍ୟକ୍ଷା ମୀନାକ୍ଷୀ ସାହ ଏବଂ ପିଆରଓ ପ୍ରମୋଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଷ୍ଟ୍ରଭାଷା ପ୍ରଚାର ସମିତିର ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଉମା ଶଙ୍କର ଦାସ ପ୍ରମୁଖ ହିନ୍ଦୀ ଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ।

## ସଂକ୍ଷେପରେ

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

ଗୁଡ଼ାରି,୧୪।୯(ପ୍ରମୋଦ କୁମାର ପତି)

ଗୁଡ଼ାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ନୋଡାଲ କ୍ରୀଡ଼ା ଶିକ୍ଷକ ରାଧାକାନ୍ତ ଗୁରୁଙ୍କ ସମେତ ବ୍ଲକର ବିଭିନ୍ନ ହାଇସ୍କୁଲରୁ ଆସିଥିବା କ୍ରୀଡ଼ା ଶିକ୍ଷକ ଯୋଗଦେଇଥିଲେ। ବ୍ଲକର ୧୨ଟି ହାଇସ୍କୁଲର ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ଏବଂ ପ୍ରତିଯୋଗିତା ୨୨ ଓ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। ଗୁଡ଼ାରି ହାଇସ୍କୁଲ ଏବଂ କଦମା ହାଇସ୍କୁଲରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ର ଦୁଇଟି ବର୍ଗରେ ଭାଗନେବେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଯେଉଁ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଅଧିକାର କରିବେ ସେମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ନୋଡାଲ କ୍ରୀଡ଼ା ଶିକ୍ଷକ କହିଛନ୍ତି।

### ଶିକ୍ଷକଙ୍କ ବିୟୋଗରେ ଶୋକସଭା

ଗୁଣପୁର,୧୪।୮(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଶ୍ରୀନିବାସନଗରଠାରେ ଅବସରପ୍ରାପ୍ତ ଶିକ୍ଷକ ନେତା ସୁନୀଲ ଦାସଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନରସିଂହ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ କୁମାର ରାଜଗୁରୁ ମହାପାତ୍ର, ଶିକ୍ଷକ ନେତା ସଞ୍ଜୟ କୁମାର ଦାସ, ଶିକ୍ଷକ ସଂଘର ସଭାପତି ଶିବପ୍ରସାଦ ମହାପାତ୍ର, ଭାସ୍କର ଦାସ, ପ୍ରବୀଣ ରଥ, ପ୍ରକାଶ ରଥ ପ୍ରମୁଖ ଯୋଗଦେଇ ନୀରବ ପ୍ରାର୍ଥନା କରିଥିଲେ। ଶିକ୍ଷକ ସଂଘ ପ୍ରତି ସୁନୀଲ ଦାସଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

### ଗ୍ରାହକ ସେବାକେନ୍ଦ୍ରର କାର୍ଯ୍ୟରତ ସଞ୍ଚାଳକଙ୍କ ଦାବିପତ୍ର

ମୁନିଗୁଡ଼ା, ୧୪।୯(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡା ଗ୍ରାହକ ସେବାକେନ୍ଦ୍ରର କାର୍ଯ୍ୟରତ ସଂଚାଳକମାନେ ଗୁରୁବାର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ପରିଚାଳିତ କିଓସ୍କ ସଂଚାଳକମାନଙ୍କୁ ଓଡିଶା ସରକାରଙ୍କ ଦ୍ୱାରା ନୂତନ ଭାବେ ଘୋଷଣା କରାଯାଇଥିବା ସିଏସପି ପ୍ଲସ ମାଧ୍ୟମରେ ଅନ୍ତର୍ଭୁକ୍ତ କରାଯିବା ନିମନ୍ତେ ସେମାନେ ଦାବି ଜଣାଇଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ପ୍ରତ୍ୟେକ ପଞ୍ଚାୟତରେ ସିଏସ୍‌ପି ପ୍ଲସ ଖୋଲାଯାଇ ସରକାରଙ୍କ ଜନହିତରେ ପ୍ରଦାନ ଅର୍ଥ ରାଶି ଏହା ମାଧ୍ୟମରେ ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । କିଓସ୍କ ସଂଚାଳକମାନେ ସରକାରଙ୍କ ଏହି ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛନ୍ତି। ସେମାନେ ଆଜକୁ ଦୀର୍ଘ ୧୦ ବର୍ଷ ହେବ ଏସ୍‌ବିଆଇ ଦ୍ୱାରା ନିଯୁକ୍ତି ହୋଇ ସରକାରଙ୍କ ଜନହିତ କାର୍ଯ୍ୟ କାଳିଆ ଯୋଜନା, ମଧୁବାବୁ ପେନ୍‌ସନ ଯୋଜନା ସହିତ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନ, ପ୍ରଧାନମନ୍ତ୍ରୀ କିଷାନ ଯୋଜନା ପାଇଁ କାର୍ଯ୍ୟ କରି ଆସୁଛନ୍ତି । ତେବେ ପଞ୍ଚାୟତସ୍ତରରେ ସିଏସପି ପ୍ଲସ ଖୋଲା ଗଲେ ଆମଙ୍କୁ ସେହି ପଞ୍ଚାୟତରେ ସ୍ଥାୟୀ ନିଯୁକ୍ତି ଦିଆଯିବା ପାଇଁ ସେମାନେ ଅନୁରୋଧ କରୁଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଭୀମ ଆଲ ଜିଙ୍ଗ, କମଳ ହିଆଲ, ନରେଶ ପାତ୍ର,କରୁଣା ପଲକିଆ, ପ୍ରକାଶ ହିଆଲ ପ୍ରମୁଖ ଉପସ୍ଥିତ ଥିଲେ।

# ଧାରଣାରେ ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟରେ ତାଲା

- ୯୭ % ସ୍କୁଲ ବନ୍ଦ, ଛାତ୍ରୀଛାତ୍ରଙ୍କ ପାଠପଢ଼ା ଠପ୍
- ସ୍ୱଚ୍ଛତା ପକ୍ଷ, ନିରାପତ୍ତା ସପ୍ତାହ କାର୍ଯ୍ୟକ୍ରମ ଫେଲ୍
- ସୁରଭି, ଓଡ଼ିଶା ମିଲେଟ୍ସ ପ୍ରତିଯୋଗିତା ଆୟୋଜନକୁ ନେଇ ଚିନ୍ତା

ରାୟଗଡ଼ା,୧୪।୯ (ଆଶିଷ ରଞ୍ଜନ ପଣ୍ଡା)


ଧାରଣାରେ ବସିଥିବା ଶିକ୍ଷୟିତ୍ରୀମାନେ।

ଶିକ୍ଷୟିତ୍ରୀ ଶିକ୍ଷକମାନେ ୩ ଦଫା ଦାବି ନେଇ ଦୀର୍ଘ ବର୍ଷ ହେଲା ଆନ୍ଦୋଳନ ଜାରି ରଖିଛନ୍ତି। ଗତ ବର୍ଷ ଆନ୍ଦୋଳନ ସମୟରେ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ ଦାବି ପୂରଣ କରି ନ ଥିଲେ। ଏହାର ପ୍ରତିବାଦରେ ସମଗ୍ର ରାଜ୍ୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ବ୍ଲକସ୍ତରରେ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଏପରିକି ପୁରାତନ ପେନ୍‌ସନଭୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସିଧାସଳଖ ଧାରଣାରେ ଯୋଗଦେଇ ନ ଥିଲେ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ କରିଥିବା ଜଣାପଡ଼ିଛି। ହେଲେ ରାଜ୍ୟ ସରକାର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶୀତଳଯୁଦ୍ଧରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ଜିଲାର କିଛି ବିଦ୍ୟାଳୟକୁ ଛାଡ଼ିଦେଲେ ୯୭ ପ୍ରତିଶତ ବିଦ୍ୟାଳୟ ବନ୍ଦ ରହିଛି। ପାଠପଢ଼ା ବନ୍ଦ ହୋଇଯାଇଥିବା ବେଳେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ମଧ୍ୟ ଅଟକିଯାଇଛି। ସେହିପରି ଶିକ୍ଷା ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ଯୋଜନା ମଧ୍ୟ ବିଫଳ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଜିଲାର ୧୮୨୮ସ୍କୁଲ ମଧ୍ୟରୁ କେବଳ ୫୭ ବିଦ୍ୟାଳୟରେ ଛାତ୍ରୀଛାତ୍ର ଗୁରୁବାର ମଧ୍ୟାହ୍ନଭୋଜନ ପାଇଛନ୍ତି । ଦାବି ପୂରଣ ନ ହେବାରୁ ରାଜ୍ୟ ସଂଘ ନିଷ୍ପତ୍ତିକ୍ରମେ ୩ ଦିନ ହେଲାଣି ବିଦ୍ୟାଳୟଗୁଡ଼ିକରେ ଏଭଳି ଅଚଳାବସ୍ଥା ଜାରି ରହିଛି । ଏପରିକି ସ୍ୱଚ୍ଛତା ପକ୍ଷ, ବିଦ୍ୟାଳୟ ନିରାପତ୍ତା ସପ୍ତାହ କାର୍ଯ୍ୟକ୍ରମ ମଧ୍ୟ ବିଫଳ ହୋଇଛି। ସେପ୍ଟେମ୍ବର ୧ ରୁ ୧୫ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅଧାରୁ ବନ୍ଦ ହୋଇଯାଇଛି । ସେହିଭଳି ୧୧ରୁ ୧୫ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ନିରାପତ୍ତା ସପ୍ତାହ ମଧ୍ୟ ବନ୍ଦ ହୋଇଛି । ଯଦି ରାଜ୍ୟ ସରକାର କମ୍ ଦିନ ମଧ୍ୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାବି ପୂରଣ ନ କରନ୍ତି ତେବେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣରେ ପ୍ରତିବର୍ଷ ପାଳିତ ହେଉଥିବା ସୁରଭି କାର୍ଯ୍ୟକ୍ରମ ମଧ୍ୟ ପାଳନ ହୋଇପାରିବ କି ନାହିଁ ତାହା ସନ୍ଦେହ ଘେରରେ ରହିଛି । ଚଳିତ ବର୍ଷ ସେପ୍ଟେମ୍ବର ୨୧ରୁ ବିଦ୍ୟାଳୟସ୍ତରରୁ ସୁରଭି ଆରମ୍ଭ କରାଯାଇ ଶିଶୁ ଦିବସରେ ରାଜ୍ୟସ୍ତରୀୟ ସୁରଭି ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଘୋଷଣା ଓ ଗାଇଡ୍‌ଲାଇନ ଜାରି ହୋଇଛି । ଏଭଳିକି ସୁରଭି କାର୍ଯ୍ୟକ୍ରମ ସହ ରାଜ୍ୟ ସରକାର ଓଡ଼ିଶା ମିଲେଟ୍ ପ୍ରତିଯୋଗିତାର ସଫଳ ରୂପାୟନ ପାଇଁ ମଧ୍ୟ ଯୋଜନା ରଖିଛନ୍ତି। ହେଲେ ବର୍ତ୍ତମାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆନ୍ଦୋଳନ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ତେଣୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ହୋଇଥିବା ଚିଠି ସଂଖ୍ୟା-୨୦୭୦୩ରେ ଆନ୍ଦୋଳନରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବୁଝାଶୁଝା କରି ବିଦ୍ୟାଳୟ ଚାଲୁ କରିବାକୁ ଡିଇଓ ଓ ବିଇଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି । ହେଲେ ଶିକ୍ଷକମାନେ ନିଜ ଜିଦ୍‌ରେ ଅଡ଼ି ବସିଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏ ନେଇ ରାୟଗଡ଼ା ବିଇଓ ସୁଦୀପ୍ତ ଦାସଙ୍କୁ ପଚାରିବାରୁ ବର୍ତ୍ତମାନ ଆନ୍ଦୋଳନ କାରଣରୁ ପ୍ରାୟ ସ୍କୁଲ ବନ୍ଦ ରହିଛି ବୋଲି କହିଛନ୍ତି । ଏଥିସହ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଆନ୍ଦୋଳନ ବନ୍ଦ କରିବା ପାଇଁ ବୁଝାଶୁଝା ଚାଲିଥିବା ବିଇଓ ଦାସ କହିଛନ୍ତି । ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାବି ରାଜ୍ୟ ସରକାର କେବେ ପୂରଣ କରୁଛନ୍ତି ଏବଂ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା କେବେ ସ୍ୱାଭାବିକ ହେଉଛି ତାହା ଦେଖିବାକୁ ବାକି ରହିଲା ।

## ପ୍ରଫୁଲ୍ଲ ସାମନ୍ତରାଙ୍କୁ କାଶୀପୁର ବିଜେଡିର ବିରୋଧ

ଟିକିରି,୧୪।୯(ପ୍ରଫୁଲ କୁମାର ବେହେରା)

ନିରୀହ ଆଦିବାସୀଙ୍କୁ ଭୁଆଁ ବୁଲାଇ ଅଞ୍ଚଳରେ ହିଂସାତ୍ମକ କାର୍ଯ୍ୟ କରୁଥିବା ଅଭିଯୋଗ କରି ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରାଙ୍କୁ ବିରୋଧ କରାଯାଇଛି। ଗୁରୁବାର କାଶୀପୁରଠାରେ ବିଜେଡି ନେତା ଏକ ଖବରଦାତା ସମ୍ମିଳନୀ କରି ପ୍ରଫୁଲ୍ଲ ସାମନ୍ତରାଙ୍କୁ ବିରୋଧ କରିଛନ୍ତି। ବିଜେଡି ନେତା ଅଭିଯୋଗ କରିଛନ୍ତି ଯେ, କାଶୀପୁର ଏକ ଅନୁନ୍ନତ ଅଞ୍ଚଳ ହୋଇଥିବାବେଳେ ଏଠାରେ ବହୁ ଖଣି ଖାଦାନ ରହିଛି । ଅଞ୍ଚଳରେ ଖଣି ଖନନକୁ ନେଇ ଗତ କିଛି ମାସ ହେଲା ଅଞ୍ଚଳରେ ଆନ୍ଦୋଳନ ଜୋର ଧରିଛି। ତେବେ ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରା ଅଞ୍ଚଳରେ ପଶି ନିରୀହ ଆଦିବାସୀଙ୍କୁ ଭୁଆଁ ବୁଲାଉଥିବା ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି। କୋଭିଡ ସମୟରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେତେବେଳେ ସେ କାହିଁକି ଆସି ନ ଥିଲେ ବିଜେଡି ନେତା ପ୍ରଶ୍ନ କରିଛନ୍ତି। ତେଣୁ ଆମ ଅଞ୍ଚଳର ସୁବିଧା ଅସୁବିଧା ସମ୍ପର୍କରେ ଆମେ ନିଷ୍ପତ୍ତି ନେବୁ । ଏଥିରେ ବାହାର ଲୋକଙ୍କ ହସ୍ତକ୍ଷେପକୁ ବରଦାସ୍ତ କରାଯିବ ନାହିଁ ବୋଲି ସେମାନେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ନେତା ଜଗଦିଶ ପାତ୍ର, ବ୍ଲକ୍ ଅଧ୍ୟକ୍ଷ କଣ୍ଟ ମାଝି, ରତି ନାଏକ, ଶରତ ଗୋଉଡ, ରତ୍ନମାଳା ପରିଛା ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତା।

## ମୁନିଗୁଡ଼ା ପ୍ରାଥମିକ ଶିକ୍ଷକ ସଂଘର ଗଣଧାରଣା


ମୁନିଗୁଡ଼ା ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

ମୁନିଗୁଡ଼ା,୧୪।୯(ରାଧେଶ୍ୟାମ ଅଗ୍ରୱାଲ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଆହ୍ୱାନକ୍ରମେ ମୁନିଗୁଡ଼ା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ପକ୍ଷରୁ ୩ ଦଫା ଦାବି ନେଇ ଗତ ୨ ଦିନ ହେଲା ମୁନିଗୁଡ଼ା ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ମୁନିଗୁଡ଼ା ବ୍ଲକର ୪୦୦ ଶିକ୍ଷୟିତ୍ରୀ ଶିକ୍ଷକ ସାମୂହିକ ଛୁଟିରେ ରହି ଗଣଧାରଣାରେ ବସି ରହିଥିବାରୁ ପ୍ରାୟ ୧୭୫ରୁ ଊର୍ଦ୍ଧ୍ୱ ସ୍କୁଲରେ ତାଲା ଝୁଲିବା ସହ ଶିକ୍ଷାଦାନ ଠପ୍ ହୋଇଯାଇଛି। ବ୍ଲକର ଶତାଧିକ ଛାତ୍ରୀଛାତ୍ର ଶିକ୍ଷା ଓ ମଧ୍ୟାହ୍ନଭୋଜନରୁ ବଞ୍ଚିତ ହୋଇଛନ୍ତି। ୬ ବର୍ଷ ଠିକା ଚାକିରିକୁ ମୂଳ ଚାକିରିରେ ଗଣନା କରିବା, ବେତନ ବୃଦ୍ଧି ସହ ପଦୋନ୍ନତି ସୁଯୋଗ, ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ନୂତନ ପେନ୍‌ସନ ଯୋଜନା ଉଚ୍ଛେଦ କରି ପୁରାତନ ପେନ୍‌ସନ ଯୋଜନା ଲାଗୁକରିବା ଓ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଉଚ୍ଛେଦକରି ସମସ୍ତ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ପ୍ରଦାନ କରିବା ଦାବି ନେଇ ଏହି ଧାରଣା ଦିଆଯାଇଥିବା ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ସ୍ୱାଇଁ କହିଛନ୍ତି। ଧାରଣାରେ ସଂଘର ସମ୍ପାଦକ ତପନ ବଳିୟାରସିଂହ, ଉପଦେଷ୍ଟା ରତିକାନ୍ତ ସେଠୀ, ବରିଷ୍ଠ ଶିକ୍ଷକ ଅକ୍ଷୟ ରଥ, ପ୍ରଦୀପ ରତ୍ନଲୁ, ନାରାୟଣ ପଣ୍ଡା, ରାଧାକାନ୍ତ ମହାପାତ୍ର, ବୃନ୍ଦାବତୀ ସେଠୀ, ପ୍ରବୀର ଲିମା, ସୁଶୀଲ ମଲ୍ଲିକ, ଅଶ୍ୱିନୀ ବାରିକ, ବିଷ୍ଣୁପ୍ରିୟା ସାହୁକାର ପ୍ରମୁଖ ସାମିଲ ହୋଇଛନ୍ତି।

# ବ୍ଲକସ୍ତରୀୟ ଲୋକକଳା ସାଂସ୍କୃତିକ ଦଳ ଚୟନ


ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରିଥିବା ସାଂସ୍କୃତିକ ଦଳ।

ମୁନିଗୁଡ଼ା,୧୪।୯(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ପଞ୍ଚାୟତ ସମିତି ସଦ୍‌ଭାବନା ଗୃହରେ ବ୍ଲକସ୍ତରୀୟ ଲୋକକଳା ସାଂସ୍କୃତିକ ଦଳ ଚୟନ ଓ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତମ କୁମାର ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୩୦ଟି କଳାକାର ଦଳ ଭାଗନେଇଥିଲେ। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ମିଳିତ ଉଦ୍ୟମରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ମାଧ୍ୟମରେ ସରକାରଙ୍କ ଜନହିତକର ଯୋଜନାର ପ୍ରଚାର କରିବା ସହ ଲୋକକଳା କଳାକାରଙ୍କ ଆର୍ଥିକ ଅଭିବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ବିଚାରପତି ଭାବେ ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରିୟଦର୍ଶିନୀ, ଶିକ୍ଷକ ପ୍ରକାଶ ଚନ୍ଦ୍ର ମୁଦୁଲି, ନୀଳାମ୍ବର ବେହେରା ପ୍ରମୁଖ କଳାକାରମାନଙ୍କୁ ଚୟନ କରିଥିଲେ । ଆସନ୍ତା ୧୭ ତାରିଖରେ ସେହି କଳାକାରମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ବିଚାରପତି କହିଥିଲେ। ଶେଷରେ ପିଇଓ ପ୍ରଭାକର ନାଲା ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀରେ ଭାସି ମହିଳା ନିଖୋଜ

ଟିକିରି,୧୪।୯ (ପ୍ରଫୁଲ କୁମାର ବେହେରା)

କାଶୀପୁର ବ୍ଲକ୍ ହାଡ଼ିଗୁ ପଞ୍ଚାୟତ ଶିରିଗୁଡ଼ା ଗ୍ରାମ ନିକଟରେ ଥିବା ନଦୀକୁ ମଙ୍ଗଳବାର ଅପରାହ୍ନରେ ଶୌଚ ପାଇଁ ଯାଇଥିବାବେଳେ ଜଣେ ମହିଳା ନିଖୋଜ ହୋଇଯାଇଛନ୍ତି। ତାଙ୍କର କୌଣସି ପତ୍ତା ନ ମିଳିବାରୁ ସେ ନଦୀରେ ଭାସି ଯାଇଥିବା ଅନୁମାନ କରି ପରିବାର ଲୋକେ ଗୁରୁବାର ଦୋରାଗୁଡା ଥାନାରେ ଏତଲା ଦେଇଛନ୍ତି । ଗୁରୁବାର ସକାଳେ ଶିରିଗୁଡ଼ା ଗ୍ରାମର ନଦୀ କୂଳରେ ଏକ ସ୍ଥାନରେ ମହିଳାଙ୍କ ଛତା ପଡିଥିବାରୁ ସେ ନଦୀରେ ଭାସି ଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ସୂଚନାନୁଯାୟୀ,ଗୋରଖପୁର ପଞ୍ଚାୟତ ଲିମାଡୋର ଗ୍ରାମର ବାନ୍ଦାଇ ମାଝି ବୁଧବାର ଶିରିଗୁଡ଼ା ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇ ଖୋଜିବା ଆରମ୍ଭ କରିଥିଲେ।

# ଜିଲା ସରପଞ୍ଚ ମହାସଂଘର ଦାବିପତ୍ର

ରାୟଗଡ଼ା,୧୪।୯ (ଭାଗ୍ୟଶ୍ରୀ ମିଶ୍ର)


ଜିଲା ସରପଞ୍ଚ ମହାସଂଘ କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ରାୟଗଡ଼ା ଜିଲା ସରପଞ୍ଚ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୨ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଏହି ଦାବିପତ୍ର ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଗ୍ରହଣ କରିଥିଲେ । ଉକ୍ତ ଦାବିପତ୍ରରେ ପଲ୍ଲିସଭା ଓ ଗ୍ରାମସଭାକୁ ଗୁରୁତ୍ୱ ଦେଇ ଯୋଜନାମୂଳକ କାର୍ଯ୍ୟକ୍ରମ କରିବା, ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉଚ୍ଛେଦ କରିବା, ବସୁଧା ଯୋଜନା, ରାସ୍ତା ଆଲୋକୀକରଣର ବିଦ୍ୟୁତ୍ ବିଲ୍ ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ରାଶି ଗ୍ରାମସଭା ମାଧ୍ୟମରେ ତଦାରଖ ପାଇଁ ପଞ୍ଚାୟତକୁ ଦେବା ପାଇଁ ଉଲ୍ଲେଖ ରହିଛି। ସେହିଭଳି ସରପଞ୍ଚଙ୍କୁ ମାସିକ ୨୩୫୦ ଟଙ୍କା ବଦଳରେ ୩୦ ହଜାର ଟଙ୍କା ପ୍ରଦାନ କରିବା, ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ ସଭ୍ୟସଭ୍ୟଙ୍କ କାର୍ଯ୍ୟକାଳ ପରେ ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ କରିବା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପୂର୍ବଭଳି ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଯୁଗ୍ମ ପାସ୍‌ବହିରେ ଅର୍ଥ କାରବାର କରିବା, ପଞ୍ଚାୟତରେ ଖର୍ଚ୍ଚ ହେଉଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ପଞ୍ଚାୟତ ଦ୍ୱାରା ପରିଚାଳନା କରିବା, ହାଟ, ବଜାର ଗୃହ, ପୋଖରୀ ଖନନ ଆଦି କାର୍ଯ୍ୟର ଅନୁଦାନ ରାଶି ପଞ୍ଚାୟତ ପ୍ରତିନିଧିଙ୍କ ମାଧ୍ୟମରେ ଦେବା ସହିତ ଗୋଚର ଓ ଅନ୍ୟାନ୍ୟ ସରକାରୀ ଜମିର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରିବାକୁ ମହାସଂଘ ଦାବି କରିଛି । ଯଦି ରାଜ୍ୟ ସରକାର ଏହି ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ସରପଞ୍ଚ ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ମହାସଂଘର କର୍ମକର୍ତ୍ତା କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ମହାସଂଘର ସଭାପତି ତାମାରାଓ ବିଡ଼ିକା, ସମ୍ପାଦକ ଅଶୋକ ପୁଆଲାଙ୍କ ସମେତ ଜିଲାର ୩୦ରୁ ଊର୍ଦ୍ଧ୍ୱ ସରପଞ୍ଚ ଉପସ୍ଥିତ ଥିଲେ ।

# ବଂଶଧାରାରେ ପ୍ରଥମ ବନ୍ୟାଜଳ

ଗୁଣପୁର,୧୪।୮(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବଂଶଧାରା ନଦୀରେ ପ୍ରଥମ ବନ୍ୟାଜଳ ଗୁରୁବାର ପ୍ରବାହିତ ହୋଇଥିଲା। ବଂଶଧାରାରେ ସତର୍କସଙ୍କେତ ୮୩ମିଟର ରହିଥିବାବେଳେ ବିପଦ ସଙ୍କେତ ୮୪ ମିଟର ରହିଛି। ପୂର୍ବାହ୍ନ ୧୧ଟା ବେଳକୁ ବଂଶଧାରା ଜଳସ୍ତର ସର୍ବାଧିକ ୮୩.୮୦ରେ ପହଞ୍ଚିଥିବାବେଳେ ବିପଦ ସଙ୍କେତର ନିକଟତର ହୋଇଥିଲା। କିଛିଦିନ ହେଲା ଉପରମଣ୍ଡରେ ପ୍ରବଳ ବର୍ଷା ଯୋଗୁ ବଂଶଧାରା ନଦୀରେ ଜଳପତ୍ତନ ବୃଦ୍ଧି ପାଇଥିଲା। ଦିନ ତମାମ ବିପଦ ସଙ୍କେତ ତଳେ ନଦୀ ଜଳ ପ୍ରବାହିତ ହୋଇଥିବାବେଳେ ଖବର ଲେଖାଯିବା ବେଳକୁ ୮୩.୦୫ରେ ନଦୀ ଜଳ ପ୍ରବାହିତ ହେଉଥିବା ଜଣାପଡ଼ିଛି। ଏବେ ଉପର ମୁଣ୍ଡରେ ବର୍ଷା କମିଥିବାରୁ ନଦୀରେ ପାଣି ମଧ୍ୟ କମିବ ବୋଲି ଜଣାପଡିଛି। ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରଶାସନ ସଜାଗ ଥିବା ସୂଚନା ମିଳିଛି।

# ଯୌନ ନିର୍ଯାତନା ସୁରକ୍ଷା ଆଇନ ସଚେତନତା ଶିବିର

ରାୟଗଡ଼ା,୧୪।୯ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ଅଦାଲତର କନ୍‌ଫରେନ୍ସ ହଲ୍‌ରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଗୁରୁବାର କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନ ସୁରକ୍ଷା ଆଇନ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦିକା ନିବେଦିତା ପଣ୍ଡା ପରିଚାଳନା କରିଥିଲେ । ଏଥିରେ ପରିବାର ଅଦାଲତର ବିଚାରପତି ଅମୃତ ରଞ୍ଜନ ନନ୍ଦ, ଅତିରିକ୍ତ ଜିଲା ଦୌରାଜଜ୍ ରୀନା ଚୌଧୁରୀ, ପୋକ୍ସୋ ଅଦାଲତର ବିଚାରପତି ସୋନାଲି ପଟ୍ଟନାଏକ, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ମୀନାକ୍ଷୀ ପ୍ରିୟଦର୍ଶିନୀ, ମହିଳା କୋର୍ଟର ବିଚାରପତି ସୋନଲ ଶର୍ମା, ରେଜିଷ୍ଟ୍ରାର ଦେବଜ୍ୟୋତି ମହାପାତ୍ର, ସବଜଜ୍ ସୋମ୍ୟରୂପ ସାହୁ, ନ୍ୟାୟାଧିକାରୀ ଚନ୍ଦନ କୁମାର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ । ମହିଳାମାନେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ଶିକାର ହେଉଥିଲେ ତାକୁ କିପରି ପ୍ରତିରୋଧ କରିବେ ଓ କିପରି ଯୌନ ନିର୍ଯାତନାର ଶିକାର ନ ହେବେ, ଯଦି କେହି ନିର୍ଯାତନାର ଶିକାର ହେଉଛନ୍ତି ସେମାନେ କମ୍ପ୍ଲେନ କମିଟିର ସହଯୋଗ ନେବା ସମ୍ପର୍କରେ ବିସ୍ତୃତ ଭାବରେ ଅଂଶଗ୍ରହଣକାରୀଙ୍କୁ ବୁଝାଇଥିଲେ । ଏଥିସହ ମହିଳାମାନେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ଶିକାର ହେଲେ ସେମାନଙ୍କ ପାଇଁ ନ୍ୟାୟିକ ବ୍ୟବସ୍ଥା ଓ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। ଶେଷରେ ଅତିଥିମାନେ ଏହି ଆଇନ ଉପରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଜଜ୍‌ମେଣ୍ଟ ଉପରେ ଧାରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଅଦାଲତ ଓ ଜିଲା ଆଇନ ସେବା ପ୍ରାଧିକରଣର କର୍ମଚାରୀ ଉପସ୍ଥିତ ଥିଲେ।


ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ଅବରୋଧ

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ରାମନାଗୁଡ଼ା,୧୪।୯(ସଞ୍ଜୟ ପ୍ରଧାନ )

ରାୟଗଡା ଜିଲା ରାମନାଗୁଡା ଥାନା ସଦର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ପାଠାଗାର ସମ୍ମୁଖରେ ଗୁରୁବାର ଏକ ଅଜଣା ଗାଡ଼ିଧକ୍କାରେ ୩୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସ୍ଥାନୀୟ ତାମ୍ପରଗୁଡା କଲୋନିର ସୀମାଦ୍ରି ମାଣ୍ଡାଙ୍ଗି। ସୀମାଦ୍ରି ସକାଳ ୭ଟାରେ ନିଜ ଚାଷଜମିରୁ ଘରକୁ ଫେରିବା ସମୟରେ ମେଡିକାଲ ନିକଟ ପାଠାଗାର ସମ୍ମୁଖରେ ୩୨୬ ନମ୍ବର ଜାତୀୟ ରାଜପଥରେ ଏକ ଅଜଣା ଗାଡି ତାଙ୍କୁ ଧକ୍କାଦେଇ ଚାଲିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଘଟଣାସ୍ଥଳରେ ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ ଓ ଥାନା ସେକେଣ୍ଡ ଅଫିସର ବାବୁଲା ପ୍ରଧାନ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା । ଜିଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ, ବିଧାୟକ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ତାଙ୍ଗୁଡୁ ଶ୍ରୀଧର, ବିଜେଡି ଯୁବ ନେତା ସଞ୍ଜୟ କୁମାର ପ୍ରଧାନ, କମଲଲୋଚନ ମୁଟିକା ପ୍ରମୁଖ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ, ପରିକ୍ଷିତି ସରପଞ୍ଚ ସୂର୍ଯ୍ୟରାଓ କୁମ୍ବିକା, ସମିତି ସଭ୍ୟା ଲକ୍ଷ୍ମୀ କାଡ୍ରାକା, ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ମୃତକଙ୍କ ବାପା ଏବଂ ସ୍ତ୍ରୀଙ୍କୁ ପ୍ରଦାନ କରଥିଲେ। ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଥିବାରୁ ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଜିଲା ପରିବହନ ଅଧିକାରୀ ଶିବ ଶଙ୍କର ଚୌଧୁରୀ ଜଣାଇଥିବା ତହସିଲଦାର ସାହୁ କହିଛନ୍ତି ।


କ୍ଷତିପୂରଣ ଦାବିରେ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଛି।

## ସଂକ୍ଷେପରେ

### ବ୍ଲକସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର

ନନ୍ଦପୁର, ୧୪ା୯ (ଶଙ୍କର ପୂଜାରୀ)

ତୃଣମୂଳ ସ୍ତରରେ ଜୁନିୟର ରେଡ୍‌କ୍ରସ୍‌ର କ୍ରିୟାନ୍ୱୟନ ପାଇଁ ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକଦିବସୀୟ ବ୍ଲକସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନନ୍ଦପୁର ଓ ଲମତାପୁଟ ବ୍ଲକର ଉଚ୍ଚ ବିଦ୍ୟାଳୟଗୁଡ଼ିକର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ସମ୍ମାନିତ ଅତିଥି ଭାବେ ଜିଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମମତାଜ ଗମାଙ୍ଗ ଯୋଗ ଦେଇଥିଲେ। ଅତିଥିମାନେ ରେଡ୍‌କ୍ରସ୍ ପ୍ରତିଷ୍ଠାତାଙ୍କ ଜୀବନୀ, ରେଡ୍‌କ୍ରସ୍‌ର ଉତ୍ପତ୍ତି, ଜୁନିୟର ରେଡ୍‌କ୍ରସ୍‌ର ଉତ୍ପତ୍ତି, ସାମ୍ପ୍ରତିକ ସ୍ଥିତିରେ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଏବଂ ବିଦ୍ୟାଳୟ ସ୍ତରରେ ଏହାର ସକ୍ରିୟ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଜିଲା ସାଧନକର୍ମୀ ସାହେଦା ପର୍ୱିନ୍ ବିଦ୍ୟାଳୟ ସ୍ତରରେ ଜୁନିୟର ରେଡ୍‌କ୍ରସ୍‌ର କ୍ରିୟାନ୍ୱୟନ ଓ ସାଧନକର୍ମୀ ସୁଜିତ ନାୟକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବୁଝାଇଥିଲେ। ସାଧନ କର୍ମୀ ହରେକୃଷ୍ଣ ମହାରଣା ବିଭିନ୍ନ ପ୍ରକାର ଜୀବନରକ୍ଷା କୌଶଳ ଓ ପ୍ରାଥମିକ ଉପଚାର ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଦୀପ ତ୍ରିପାଠୀ ସଂଯୋଜନା କରିଥିଲେ। ନନ୍ଦପୁର ବ୍ଲକ ଜୁନିୟର ରେଡ୍‌କ୍ରସ୍ ସଂଯୋଜକ ପ୍ରସନ୍ନ ଦାଶ ଅତିଥି ପରିଚୟ ଦେଇଥିଲେ। ବ୍ଲକ ସଂଯୋଜକ ରବିନାରାୟଣ ସାମଲ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଆରତୀ ଜେନା, ସ୍ନିଗ୍ଧାରାଣୀ ରାଉତ, ଶିବାନୀରାଣୀ ଖରା, ସୀମା କାଡାମ, ଜଗଦିଶ ଚନ୍ଦ୍ର ଖରା ପ୍ରମୁଖ ଉପସ୍ଥିତ ଥିଲେ।

### ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କୋରାପୁଟ,୧୪ା୯ (ଅମିତାଭ ବେହେରା)

କୋରାପୁଟରେ ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ୨ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର କଳାକାରମାନଙ୍କୁ ପଞ୍ଜୀକରଣ ଏବଂ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣ ଯେପରି ସେମାନଙ୍କ ପାରମ୍ପରିକ ଭାଷା, ଲୋକନୃତ୍ୟ ଅବା ନାଟକ ମାଧ୍ୟମରେ ଅବଗତ ହୋଇପାରିବେ ତାହା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ପ୍ରଶିକ୍ଷଣ ପରେ ସମ୍ପୃକ୍ତ କଳାକାରମାନେ ନିଜ ଅଞ୍ଚଳର ଗ୍ରାମଗୁଡ଼ିକରେ ଲୋକଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିବେ। ଏହି କାର୍ଯ୍ୟକ୍ରମରେ କୋରାପୁଟ ବ୍ଲକର ୪୫ ଜଣ କଳାକାର ଯୋଗଦେଇଥିଲେ। ଏଥିରେ ମୁଖ୍ୟଅତିଥିଭାବେ ବ୍ଲକ ଅଧ୍ୟକ୍ଷା ନମିତା ମାଝି, ସମ୍ମାନିତ ଅତିଥି ରୂପେ ବିଡିଓ ଦେବାଶିଷ ଗଉଡ, ଏବିଇଓ ଶିବପ୍ରସାଦ ରଥ, ସ୍ୱାସ୍ଥ୍ୟ ଅଧିକାରୀ ଶାଶ୍ୱତୀ ମହାନ୍ତିଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ କଳା ଓ ସଂସ୍କୃତି ସଂଘ ଉପସଭାପତି ନାରାୟଣ ନାୟକ, ସଂଘ ସମ୍ପାଦକ ତଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପିଙ୍କି ଅଡାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦାଦନ ଯାଇ ବଳିପଡିଲା ଦୁଃଖ

ନନ୍ଦପୁର, ୧୪ା୯ (ଶଙ୍କର ପୂଜାରୀ)



୧୩ବର୍ଷ ତଳେ ପରିବାରର ଆର୍ଥିକ ଦୁର୍ଗତି ଯୋଗୁ ରୋଜଗାର ଖୋଜିବାକୁ ଆନ୍ଧ୍ର ଅଞ୍ଚଳକୁ ଗ୍ରାମର କିଛି ମହିଳାଙ୍କ ସହ ଦାଦନ ଖଟିବାକୁ ଯାଇଥିଲେ ମେଡିପୁଟ ଗ୍ରାମର ରାଧା ଜାନି। ସେଠାରେ ଆନ୍ଧ୍ର ଅଞ୍ଚଳର କ୍ରିଷ୍ଣା ନାମୀ ସହକର୍ମୀଙ୍କୁ ରାଧା ପ୍ରେମ ବିବାହ କରିଥିଲେ। ଦୁର୍ଭାଗ୍ୟକୁ ବିବାହର ୮ମାସ ପରେ ସ୍ୱାମୀ କ୍ରିଷ୍ଣାଙ୍କ ମୃତ୍ୟୁ ହୋଇଥିଲା। ଆନ୍ଧ୍ରରୁ ନିଜ ଗାଁ ମେଡିପୁଟକୁ ଫେରି ରାଧା ଅନ୍ତସତ୍ୱା ଥିବା ଜାଣିବାକୁ ପାଇଥିଲେ। ପରେ ସାହସ ଜୁଟାଇ ଗର୍ଭସ୍ଥ ଶିଶୁକୁ ଜନ୍ମ ଦେଇଥିଲେ। ବାପ ଘର ଲୋକଙ୍କ ସହାୟତାରେ ଝାଟିମାଟି କୁଡ଼ିଆଟେ

**ବିବାହ କରି ବିଧବା ହୋଇ ଫେରିଲେ ରାଧା**

କରି ସେ ବସବାସ କରୁଛନ୍ତି। କୁଲି ମଜୁରି କରି ଅସହାୟ ଭାବେ ମାଆ ପୁଅ ଜୀବନଯାପନ କରୁଛନ୍ତି। ତେବେ ତାଙ୍କୁ ସରକାରୀ ଯୋଜନାରେ ଏଯାଏ କିଛି ସହାୟତା ମିଳିନାହିଁ। ୧୨ ବର୍ଷର ପୁଅ ବଳଦେବର ଭବିଷ୍ୟତ ଚିନ୍ତାରେ ଭାଙ୍ଗିପଡିଛନ୍ତି ରାଧା। ପୁଅ ଏବେ ଗାଁ ସ୍କୁଲରେ ୫ମ ଶ୍ରେଣୀରେ ପଢୁଛି। ମା ପୁଅଙ୍କ ଅବସ୍ଥା ଦେଖି ପଞ୍ଚାୟତ ପ୍ରଶାସନ ତରଫରୁ ପଡ଼ିକାର୍ଡ ଓ ମାସିକ ୧୦କିଲୋ ଚାଉଳ ପ୍ରଦାନରେ ସୀମିତ ରହିଛି ସରକାରୀ ସହାୟତା। ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ, ପୁଅର ପାଠ ପଢା ଓ ନିଜ ପାଇଁ ମାସିକ ବିଧବା ଭତ୍ତା ପ୍ରଦାନ କରିବାକୁ ପ୍ରଶାସନକୁ ନିବେଦନ କରିଛନ୍ତି ରାଧା। ରାଧାଙ୍କ ଅସହାୟତା ସମ୍ପର୍କରେ କୋରାପୁଟ ଜିଲା ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ୍ ଓ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ରାଧାଙ୍କ ପାଇଁ ତ୍ୱରିତ ବିଧବା ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯିବ। ପୁଅ ବଳଦେବର ପାଠ ପଢା ଓ ଗୃହନିର୍ମାଣ ପାଇଁ କୋରାପୁଟ ଜିଲାପାଳ ଓ ଲମତାପୁଟ ବିଡିଓଙ୍କ ସହ ଆଲୋଚନା କରି ବ୍ୟବସ୍ଥା କରାଯିବ ବୋଲି ଉଭୟ ଅଧିକାରୀ କହିଛନ୍ତି।

# କୋରାପୁଟରେ ବିଶ୍ୱ ହିନ୍ଦୀ ଦିବସ ପାଳିତ



ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ବିଶ୍ୱ ହିନ୍ଦୀ ଦିବସ ପାଳିତ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ।

କୋରାପୁଟ,୧୪ା୯(ଅମିତାଭ ବେହେରା )

କୋରାପୁଟସ୍ଥିତ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠରେ ଗୁରୁବାର ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷା ଅତସି ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ହିନ୍ଦୀ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପରେ ହିନ୍ଦୀ ଭାଷା ଓ ସଂସ୍କୃତି ଉପରେ ଉର୍ମିଳା ପାଣିଗ୍ରାହୀ, ପ୍ରିନ୍ସ ପ୍ରସାଦ, ଏମ୍. ଜୟଶ୍ରୀ, ମେନକା ମହାପାତ୍ର ନିଜ ମତ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା,ପ୍ରବନ୍ଧ, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅଧ୍ୟକ୍ଷ ପୁରସ୍କୃତ କରିଥିଲେ।

# ଦାମନଯୋଡ଼ି ଏସ୍‌ଭିଏମ୍ ଛାତ୍ରୀଛାତ୍ରଙ୍କ ସଫଳତା

ଦାମନଯୋଡି,୧୪ା୯(ରାଧାକାନ୍ତ ବ୍ରହ୍ମା)

ଦାମନଯୋଡି ନାଲ୍‌କୋ ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର (ଏସ୍‌ଭିଏମ୍)ର ଛାତ୍ରୀଛାତ୍ର ତରୁଣ ବର୍ଗରୁ ୩ ଜଣ ଛାତ୍ରୀ ଓ ବାଲ୍ ବର୍ଗର ୨ ଜଣ ଛାତ୍ର ଶିକ୍ଷା ବିକାଶ ସମିତି ଦ୍ୱାରା ଅନୁଗୋଳର ନାଲ୍‌କୋ ନଗରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରି ସଫଳତା ହାସଲ

**ପ୍ରାଦେଶିକ ବିଜ୍ଞାନମେଳା**

କରିଛନ୍ତି। ଉକ୍ତ ୫ଜଣଙ୍କ ମଧ୍ୟରୁ ତରୁଣ ବର୍ଗର ସୁରମା ରାଉତ ବିଜ୍ଞାନ ପ୍ରୟୋଗରେ ପ୍ରଥମ, ଗୁନ୍‌ଗୁନ୍ ଚାନ୍ଦ ବିଜ୍ଞାନ ପତ୍ରବାଚନରେ ପ୍ରଥମ ଓ ସଙ୍ଗୀତା ରାଉତ ବିଜ୍ଞାନ ପ୍ରକଳ୍ପରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହି ପ୍ରାଦେଶିକ ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଅର୍ଥ ବିଭାଗ ନିର୍ଦ୍ଦେଶକ ରମେଶ ଜୋଷୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିଭଳି ତରୁଣ ବର୍ଗର ଅନ୍ୟ ଜଣେ ପ୍ରତିଯୋଗୀ ସ୍ମୃତିପ୍ରଜ୍ଞା ସାହୁ ନୀଳାଦ୍ରିବିହାରଠାରେ ଆୟୋଜିତ ଗଣିତ ମେଳାରେ ଗଣିତ ପତ୍ରବାଚନରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଜ୍ଞାନ ପ୍ରୟୋଗ, ପ୍ରକଳ୍ପ ଓ ପତ୍ରବାଚନରେ ଡ. ନରେଶ ସାହୁ, ଡ.ବନ୍ଦିତା ନନ୍ଦ, ଶର୍ମିଷ୍ଠା ନାୟକ, ଡ.ରାଜେନ୍ଦ୍ର ପଣ୍ଡା ଏବଂ କଲ୍ୟାଣୀ ଦାଶ, ଗଣିତ ପତ୍ରବାଚନରେ ମଧୁସୂଦନ ପଣ୍ଡା ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକମାନେ ମାର୍ଗଦର୍ଶନ କରିଥିଲେ। ବାଲ ବର୍ଗର ପ୍ରତିଯୋଗିତାରେ ଚନ୍ଦ୍ରଶେଖର ମିଶ୍ର ଓ ସୁଶାନ୍ତ ପଟ୍ଟନାୟକ ମଧ୍ୟ ଅଂଶ ଗ୍ରହଣ କରିଥିଲେ। ପିଲାଙ୍କ ଏହି ସଫଳତା ପାଇଁ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ପ୍ରମୋଦ ବେହେରା, ସମ୍ପାଦକ ଅଶୋକ ନାୟକ, ଅନ୍ୟତମ ସଭ୍ୟ ବଳରାମ ପାଢ଼ୀ, ପି. କେ. ସାହୁ ଓ ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ପୁରସ୍କୃତ ହୋଇଥିବା କୃତୀ ଛାତ୍ରୀଛାତ୍ରମାନେ।

### ବିନୋବା ଭାବେଙ୍କ ଜନ୍ମବାର୍ଷିକୀ ଭୂଦାନ ଆନ୍ଦୋଳନ ବେଳେ କୋରାପୁଟ ରହଣି ସ୍ମରଣୀୟ ଥିଲା: କୃଷ୍ଣ ସିଂ

କୋରାପୁଟ,୧୪ା୯(ଅମିତାଭ ବେହେରା)

ଭୂଦାନ ଆନ୍ଦୋଳନର ପୁରୋଧା ଆଚାର୍ଯ୍ୟ ବିନୋବା ଭାବେଙ୍କୁ ଏବେ ମଧ ମନେ ପକାଉଛି କୋରାପୁଟ ସର୍କିଟ ହାଉସ। ବର୍ତ୍ତମାନର ସମୟରେ ଜଳ, ଜମି ଓ ଜଙ୍ଗଲକୁ ନେଇ ସାଧାରଣ ଆଦିବାସୀଙ୍କ ଆନ୍ଦୋଳନ ଏବଂ ସରକାରଙ୍କ ସହଯୋଗରେ ଖଣି ଉତ୍ତୋଳନକାରୀ କମ୍ପାନୀଙ୍କ ଦ୍ୱାରା ଖଣି ଖନନ ହେଉଥିବା ବେଳେ ବିନୋବା ଭାବେଙ୍କ କୋରାପୁଟ ଗସ୍ତ ସମୟର ଉକ୍ତି ତାଙ୍କୁ ମନେପକାଇ ଦେଉଛି। ୧୯୫୫ରେ ବିନୋବା ଭାବେ କୋରାପୁଟ ଗସ୍ତ ବେଳେ ଏଠାରେ ସର୍କିଟ ହାଉସଠାରେ ଅବସ୍ଥାନ କରି ନିଜ ମତ ଦେଇଥିଲେ। ସର୍କିଟ୍ ହାଉସ୍‌ଠାରେ ଲାଗିଥିବା ବିନୋବା ଭାବେଙ୍କ ବିଶାଳ ପଟ୍ଟଚିତ୍ର କୋରାପୁଟ ଅଞ୍ଚଳରେ ବାସ କରୁଥିବା ସାଧାରଣ ବନବାସୀଙ୍କ ମୌଳିକ ଆବଶ୍ୟକତା ସମ୍ପର୍କରେ ସଚେତନ କରାଇ ଆସୁଛି। ସେ ଗ୍ରାମଦାନମୂଳକ ଗ୍ରାମୋଦ୍ୟୋଗ ପ୍ରଧାନ ଅହିଂସାତ୍ମକ କ୍ରାନ୍ତିର ବାର୍ତ୍ତା ପ୍ରଚାର ପାଇଁ ଭାରତ ପଦଯାତ୍ରା ସମୟରେ ୨୧ା୬ା୧୯୫୫ଠାରୁ ୨ମାସ କୋରାପୁଟରେ ରହିଥିଲେ। ଏହି ରହଣି ସ୍ମରଣୀୟ ଥିଲା ବୋଲି କୋରାପୁଟ ଅଞ୍ଚଳର ବର୍ଷୀୟାନ ଭୂଦାନ କର୍ମୀ କୃଷ୍ଣ ସିଂ ପ୍ରକାଶ କରିଛନ୍ତି। ମଙ୍ଗଳବାର ବିନୋବା ଭାବେଙ୍କ ଜନ୍ମବାର୍ଷିକୀ ଅବସରରେ ସିଂ ତାଙ୍କ ବ୍ୟକ୍ତିତ୍ୱ ଏବଂ କୋରାପୁଟ ଅଞ୍ଚଳରେ ଭୂଦାନ ଆନ୍ଦୋଳନ ସମ୍ପର୍କରେ ସ୍ମୃତିଚାରଣ କରି ଏହା କହିଛନ୍ତି। ବିନୋବା କୋରାପୁଟରେ ୨ମାସ ରହିବା ସମୟରେ ଭୂଦାନ ଯଜ୍ଞ କମିଟି ମାଧ୍ୟମରେ କୋରାପୁଟରେ ୧୩,୦୦୦ ଦାତାଙ୍କଠାରୁ ୧୮୧ ଗ୍ରାମଦାନ ଏବଂ ୭୮ହଜାର ଏକର ଜମି ପାଇଥିଲେ। କଟକ, ବାଲେଶ୍ୱର ଏବଂ ସମ୍ବଲପୁରର ଶତାଧିକ ଭୂଦାନ କର୍ମୀ କୋରାପୁଟରେ କାର୍ଯ୍ୟ କରିଥିଲେ। କୋରାପୁଟରେ ଚାଲିଥିବା ଭୂଦାନ ଆନ୍ଦୋଳନ ସମଗ୍ର ଦେଶକୁ ପ୍ରେରଣା ଦେଇଥିଲା। ଡୁମୁରିପଦରଠାରେ ଅନୁଷ୍ଠିତ ଏକ ସଭାରେ ବିନୋବା କହିଥିଲେ, କୋରାପୁଟରେ ୨ଶହ ଗାଁର ଗ୍ରାମବାସୀ ସେମାନଙ୍କ ସମସ୍ତ ଜମି ଭୂଦାନକୁ ଦାନ କରିଛନ୍ତି। ତେଣୁ ସେମାନଙ୍କ ଗ୍ରାମରେ ଭୂମିହୀନ କେହି ରହିବେ ନାହିଁ। ସେ କହିଥିଲେ ଭୂଦାନ ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ ହେଉଛି ଜମିରୁ ବ୍ୟକ୍ତିଗତ ମାଲିକାନା ହଟାଇବା। କାକିରିଗୁମାଠାରେ ଏକ ପ୍ରାର୍ଥନା ସଭାରେ ବିନୋବା ଯୋଗଦେଇ ଭୂଦାନ ଆନ୍ଦୋଳନ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ ବୋଲି ସିଂ ମତ ଦେଇଛନ୍ତି।

# ଜିଲାରେ ପୁଣି ଭାଙ୍ଗିଲା ୫୨ ଘର

କୋରାପୁଟ,୧୪ା୯(ଅମିତାଭ ବେହେରା)

କୋରାପୁଟ ଜିଲାରେ ଲଗାଣ ବର୍ଷା ଯୋଗୁ ଗୁରୁବାର ୫୨ଟି ଘର ଭାଙ୍ଗି। ଜିଲାର ୬ଟି ବ୍ଲକରେ ଏହି ସବୁ ଘର ଭାଙ୍ଗିଥିବା ଜଣାଯାଇଛି । ସେମିଲିଗୁଡ଼ା ବ୍ଲକରେ ୨୪ ଘର ଭାଙ୍ଗି ଥିବାବେଳେ ପଟ୍ଟାଙ୍ଗି ବ୍ଲକରେ ୭ଟି, ଦଶମନ୍ତପୁର ବ୍ଲକରେ ୭ଟି, କୋରାପୁଟ ବ୍ଲକରେ ୭ଟି, ବୈପାରିଗୁଡ଼ା ବ୍ଲକରେ ୫ଟି ଏବଂ ଲକ୍ଷ୍ମୀପୁର ବ୍ଲକରେ ୨ଘର ଭାଙ୍ଗିଛି। ଜିଲାରେ ଗୁରୁବାର ମୋଟ ୭୮୨.୫ ମି.ମି. ବର୍ଷା ହୋଇଛି। ଲମତାପୁଟ ବ୍ଲକରେ ସର୍ବାଧିକ ୯୭ ମି.ମି. ବର୍ଷା ହୋଇଥିବାବେଳେ ବନ୍ଧୁଗାଁ ବ୍ଲକରେ ସର୍ବନିମ୍ନ ୨୮ ମି.ମି.ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଲଗାଣ ବର୍ଷା ଯୋଗୁ ବୁଧବାର କୋରାପୁଟ ଜିଲାର ବିଭିନ୍ନ ବ୍ଲକରେ ୩୦ ଘର ଭାଙ୍ଗିଥିଲା। ସେମିଳିଗୁଡା ବ୍ଲକରେ ସର୍ବାଧିକ ୧୩ଟି ଘର ଭାଙ୍ଗିଥିଲା।

# ୧୮୯ କଫି ଚାଷୀଙ୍କୁ ପ୍ରଥମ କିସ୍ତି ସବ୍‌ସିଡି ପ୍ରଦାନ

ନନ୍ଦପୁର, ୧୪ା୯ (ଶଙ୍କର ପୂଜାରୀ)

କୋରାପୁଟ କଫିର ମାନ ଓ ଚାହିଦା ଦିନକୁ ଦିନ ବଢୁଥିବା ଦେଖି ଏହାର ପ୍ରଚାର ପ୍ରସାର ଓ ଚାଷୀଙ୍କୁ ପ୍ରୋତ୍ସାହନ ଦେଇ ରାଜ୍ୟ ଓ କେନ୍ଦ୍ର ସରକାର ଉତ୍ସାହିତ କରୁଛନ୍ତି। ଗୁରୁବାର ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ବ୍ଲକରେ ୯୯ ହେକ୍ଟର ଜମିରେ କଫି ଚାଷ କରିଥିବା ଚାଷୀଙ୍କୁ କୋରାପୁଟ କଫିବୋର୍ଡ ପକ୍ଷରୁ ପ୍ରଥମ କିସ୍ତି ସବସିଡି (ରିହାତି) ବାବଦକୁ ୧୮ଲକ୍ଷ ୫୬ହଜାର ୨୫୦ଟଙ୍କା ପ୍ରଦାନ କରାଯାଇଛି। ନନ୍ଦପୁର ବ୍ଲକର ଖୁର୍ଜି, ପାଡୁଆ, କୁଲାବିର, ଗୋଲୁର, ଚାଟୁଆ ଓ ଖିନବର ପଞ୍ଚାୟତର ୧୮୯ଜଣ ଚାଷୀଙ୍କୁ ଏହି ପ୍ରୋତ୍ସାହନ ରାଶି ମୁଖ୍ୟଅତିଥି ପଟାଙ୍ଗି ବିଧାୟକ ପିତମ ପାଢ଼ୀ ଡିବିଟି ମାଧ୍ୟମରେ ବଣ୍ଟନ କରିଥିଲେ। ଉପସ୍ଥିତ କଫିବୋର୍ଡ ଉପ ନିର୍ଦ୍ଦେଶକ ରାଘବ ମଲିକ ଓ କେନ୍ଦ୍ରୀୟ କଫିବୋର୍ଡର ବରିଷ୍ଠ ଜନ ସଂପର୍କ ଅଧିକାରୀ ଉପେନ୍ଦ୍ର ସାହା ଚାଷୀଙ୍କୁ ଦେଶ ବିଦେଶରେ କୋରାପୁଟ କଫିର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛିପ ଆମ କୋରାପୁଟ ଅଞ୍ଚଳର ଜଳବାୟୁ କଫିଚାଷ ପାଇଁ ଅନୁକୂଳ ଥିବାରୁ ଆହୁରି ଅଧିକ ଜମିରେ କଫିଚାଷ କରିବା ପାଇଁ ପରାମର୍ଶଦେଇଥିଲେ। ୨୦୦୬ ପରେ କୋରାପୁଟ କଫିର ଉତ୍ପାଦନ ପାଇଁ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷାକରି ଆଦିବାସୀ ଓ ଅଣ ଆଦିବାସୀ ଚାଷୀଙ୍କ ମଧ୍ୟରେ କୋରାପୁଟ କଫିବୋର୍ଡ କଫିଚାଷ ପ୍ରତି ଉତ୍ସାହ ବଢାଇ ଥିବାରୁ ବିଧାୟକ ପାଢ଼ୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ବେବର୍ତ୍ତା, କାର୍ତ୍ତିକ ଖେମୁଣ୍ଡୁ ଉପସ୍ଥିତ ଥିଲେ। ନନ୍ଦପୁର ବ୍ଲକ ପାଇଁ ନିଯୁକ୍ତ କଫିବୋର୍ଡ କ୍ଷେତ୍ର ପରିଦର୍ଶକ ଜୟ ବଡନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କର୍ମକ୍ଷେତ୍ରରେ ନିର୍ଯାତନା ରୋକିବା ସମ୍ପର୍କିତ ସଚେତନତା ଶିବିର





ଜୟପୁର, ୧୪ା୯ (ପବନ ପାଣିଗ୍ରାହୀ)

ଜିଲା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ରୋକିବା ସକାଶେ ରହିଥିବା ଆଇନ ସମ୍ପର୍କରେ ଅବଗତ କରାଇବା ଲାଗି ଜୟପୁରସ୍ଥିତ ଜିଲା ନ୍ୟାୟଳୟଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର, ପରିବାର ଅଦାଲତ ବିଚାରପତି ପବିତ୍ର ମୋହନ ସାମଲ, ବରିଷ୍ଠ ଦେବାନିବିଚାରପତି ଅଞ୍ଜଲି ମାଛଖଣ୍ଡ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗ ବିଚାରପତି ରେଖାରଣୀ ପଣ୍ଡା, ଆଦର୍ଶ ବେହେରା, ଜିଲା ଓକିଲ ସଂଘ ସଭାପତି ବୀରେଶ ପଟ୍ଟନାୟକଙ୍କ ସହ ସଂଘର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଚାକିରି ଦେବାକୁ ଜିଲାପାଳଙ୍କୁ ପତ୍ର

କୋରାପୁଟ, ୧୪ା୯(ଅମିତାଭ ବେହେରା)

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ପୁନଃ ନିଯୁକ୍ତି ପାଇଁ ବୁଧବାର କୋରାପୁଟ ଜିଲାପାଳଙ୍କୁ ଏକ ପତ୍ର ମାଧ୍ୟମରେ ଦାବି ରଖିଛନ୍ତି ଜଳସେଚନ ବିଭାଗର ୬ ଜଣ ଛଟେଇ କର୍ମଚାରୀ। ସେମାନେ ହେଲେ କାଳେନ୍ଦ୍ରୀ ବାଘ, ବିଦେଶୀ ଗୌଡ଼, ସାଇରାମା ରାଓ, ଦୟାମଣି ନାୟକ, ସୁଜାମଣି ସୁନା, ପି. ଶଙ୍କର ରାଓ। ଅପର କୋଲାବ ପ୍ରକଳ୍ପରୁ ଛଟେଇ ହୋଇଥିବା ଏହି କର୍ମଚାରୀ କହିଛନ୍ତି, ଉଚ୍ଚ ନ୍ୟାୟାଳୟ ୨୦୧୯ରେ ରିଟ୍ ପିଟିଶନ (ସି)(ଓଏସି) ସଂଖ୍ୟା-୧୦୭୯ର ଶୁଣାଣିକରି ଗତ ୧୩ା୧୦ା୨୨ର ଆଦେଶ ସଂଖ୍ୟା-୧ରେ ଉଲ୍ଲେଖ କରିଛନ୍ତି ଯେ, ୨୦୦୭ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲର ୧୫୨୨(ସି)କୁ ଭିତ୍ତିକରି ଏମାନଙ୍କ ପୁନଃ ନିଯୁକ୍ତି ବିଚାର କରାଯାଉ। ଏପରିକି ଏହାକୁ ନେଇ ବହୁ ଛଟେଇ କର୍ମଚାରୀ ପୂର୍ବରୁ ପୁନଃ ଚାକିରି ପାଇଛନ୍ତି। ହାଇକୋର୍ଟଙ୍କ ଏହି ଆଦେଶ ବଳରେ ପୂର୍ବରୁ ୨୫ ଜଣ ଛଟେଇ କର୍ମଚାରୀ ମଧ୍ୟ ଚାକିରି ଫେରିପାଇଛନ୍ତି। ବହୁ ଛଟେଇ ଏନ୍‌ଏମ୍‌ଆର୍ ମଧ୍ୟ ପୁନଃ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। ଅନ୍ୟପକ୍ଷରେ ଏସବୁ ବିଷୟ ପତ୍ରସଂଖ୍ୟା ୫୬୯ରେ ଇନ୍ଦ୍ରାବତୀ ଏବଂ କୋଲାବ ବେସିନ ମ୍ୟାନେଜର ତଥା ମୁଖ୍ୟଯନ୍ତ୍ରୀ ଗତ ମାର୍ଚ୍ଚ ୧ରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଆମ କ୍ଷେତ୍ରରେ ସରକାର କାହିଁକି ବିଳମ୍ବ କରୁଛନ୍ତି ବୋଲି ଉପରୋକ୍ତ କର୍ମଚାରୀମାନେ ପ୍ରକାଶ କରି ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେମାନେ ପତ୍ରର ନକଲ ଜଳ ସମ୍ପଦ ମନ୍ତ୍ରୀ, ସଚିବ, ୫-ଟି ସଚିବଙ୍କୁ ପ୍ରଦାନ କରିଛନ୍ତି।

# ପକ୍ଷପାତିତା ନ କରି ସରକାର ସମାନତା ରକ୍ଷା କରନ୍ତୁ

କୁନ୍ଦୁରା,୧୪ା୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଶିକ୍ଷକଙ୍କ ଧାରଣା ସପ୍ତମ ଦିନରେ ପହଞ୍ଚିଲାଣି। ମାତ୍ର ଏଥିପ୍ରତି ସରକାର ଗୁରୁତ୍ୱ ଦେଉ ନ ଥିବାରୁ ଶିକ୍ଷକଙ୍କ ଧାରଣାରେ ସାମିଲ ହୋଇ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ ସରକାରଙ୍କ ଉପରେ ବର୍ଷିଛନ୍ତି। ପକ୍ଷପାତିତା

**ଧାରଣାରତ ଶିକ୍ଷକଙ୍କୁ ସମର୍ଥନ ଦେଲେ ଅଧ୍ୟକ୍ଷା,ଉପାଧ୍ୟକ୍ଷ**

ନ କରି ସରକାର ସମାନତା ରକ୍ଷା କରନ୍ତୁ ବୋଲି ଉଭୟେ ପ୍ରକାଶ କରିଛନ୍ତି। ତାଙ୍କ ସହ ବ୍ଲକ କଂଗ୍ରେସ ସମ୍ପାଦକ ଦୈତାରି ମଲ୍ଲିକ, ଯୁବକଂଗ୍ରେସ ସଭାପତି ରାଜେଶ ଗୁରୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ଭବାନୀ ଶଙ୍କର ରଥ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ଦୀର୍ଘବର୍ଷ ଧରି ଶାସନ କାଳରେ ରହିଥିବା ବେଳେ ବିଭିନ୍ନ ଶ୍ରେଣୀର ଶିକ୍ଷକ ନିଯୁକ୍ତି କରିଛନ୍ତି। କିନ୍ତୁ ଶିକ୍ଷାଦାନ କ୍ଷେତ୍ରରେ ସମସ୍ତ ପ୍ରକାର ଶିକ୍ଷକ ସମାନ ଶିକ୍ଷାଦାନ କରୁଥିବା ବେଳେ ପ୍ରାପ୍ୟ ପ୍ରଦାନ ବେଳେ ଅଲଗା ଅଲଗା ରହିଥିବାରୁ ଏହାକୁ ସହଜରେ ଶିକ୍ଷକ ସଂଘ ଗ୍ରହଣ କରିପାରୁ ନାହାନ୍ତି ବୋଲି ସେମାନେ ପ୍ରକାଶ କରି ସମାନତା ରକ୍ଷା କରନ୍ତୁ ବୋଲି ବ୍ଲକ କଂଗ୍ରେସ ଦାବି କରିଛନ୍ତି। ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର ପରଜା ମଧ୍ୟ ଶିକ୍ଷକଙ୍କ ଆନ୍ଦୋଳନକୁ ସମର୍ଥନକରି ସରକାର ଶୀଘ୍ର ଶିକ୍ଷକମାନଙ୍କ ଦାବି ମାନିନେବାକୁ କହିଛନ୍ତି।



କଂଗ୍ରେସ ପକ୍ଷରୁ ଜଣେ କର୍ମକର୍ତ୍ତା ଉଦ୍‌ବୋଧନ ଦେଉଛନ୍ତି।

# ୩ ଅନାଥ ଶିଶୁଙ୍କ ପାଖରେ ପହଞ୍ଚିଲେ ପୂର୍ବତନ ବିଧାୟକ

ଦଶମନ୍ତପୁର, ୧୪ା୯(ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ଘାସିପଦର ଗ୍ରାମରେ ବସବାସ କରୁଥିବା ଇନ୍ଦ୍ର ଜାନିଙ୍କ ସ୍ତ୍ରୀଙ୍କ ଗତ ୨ ବର୍ଷ ତଳେ ମୃତ୍ୟୁ ହୋଇଥିବା ବେଳେ ଗତ ୭ ଦିନ ତଳେ ଇନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ୯୦ ବର୍ଷୀୟା ମହିଳା ଦୃଷ୍ଟିଶକ୍ତିବାଧିତ ଜେଜେମାଆ ପାଇକାଣି ଜାନିଙ୍କ ଉପରେ ଇନ୍ଦ୍ରଙ୍କ ୩ ଶିଶୁଙ୍କ ଦାୟିତ୍ୱ ପଡିଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପରେ ଏହି ୩ ଅନାଥ ଶିଶୁଙ୍କ ପାଖରେ ଗୁରୁବାର ପହଞ୍ଚିଛନ୍ତି ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ କୁଲେସିକା। ଏହି ଶିଶୁମାନଙ୍କ ଥଇଥାନ ବ୍ୟବସ୍ଥା କରିବା ସହ ସେ ବଞ୍ଚିଥିବା ଯାଏ ପରିବାରର ପ୍ରତିପୋଷଣ ପାଇଁ ପ୍ରତ୍ୟେକ ମାସରେ କିଛି ଅର୍ଥ ପଠାଇବେ ବୋଲି କୁଲେସିକା ପ୍ରତିଶ୍ରୁତି ଦେଇଛନ୍ତି।

ଅନାଥ ଶିଶୁମାନଙ୍କୁ ଭେଟିବା ଅବସରରେ ପୂର୍ବତନ ବିଧାୟକ କୁଲେସିକା ପାଇକାଣିଙ୍କୁ ନୂତନ ବସ୍ତ୍ର ପ୍ରଦାନ କରିବା ସହ ପରିବାର ଚଳିବା ଲାଗି କିଛି ସାମଗ୍ରୀ ପ୍ରଦାନ କରିଛନ୍ତି। ସେ ୩ ଅନାଥ ଶିଶୁଙ୍କ ମଧ୍ୟରୁ ମଝିଆ ଝିଅ ଯମୁନା ଓ ସାନପୁଅ ବାବୁଲାଙ୍କ ଉଚ୍ଚତର ଶିକ୍ଷା ପାଇଁ ଦଶମନ୍ତପୁର ଆଇଡିଏସ୍ କେନ୍ଦ୍ରରେ ଥଇଥାନ ବ୍ୟବସ୍ଥା କରିବେ। ବଡ଼ଝିଅ ଶାନ୍ତି ଓ ଜେଜେ ମାଆଙ୍କ ପ୍ରତିପୋଷଣ ଲାଗି ସେ ବଞ୍ଚିଥିବା ଯାଏ ପ୍ରତିମାସରେ ଶାନ୍ତିଙ୍କ ଜମାଖାତାରେ କିଛି ଅର୍ଥ ପ୍ରଦାନ



ଅନାଥ ଶିଶୁଙ୍କୁ ପୂର୍ବତନ ବିଧାୟକ ସହାୟତା ଦେଉଛନ୍ତି ।

**ପ୍ରତିପୋଷଣ ନେଇ ମାସିକ ଅର୍ଥ ପଠାଇବାକୁ ଦେଲେ ପ୍ରତିଶ୍ରୁତି**

କରିବେ ବୋଲି କୁଲେସିକା ପ୍ରତିଶ୍ରୁତି ଦେଇଛନ୍ତି। ଚଳିତ ମାସରେ ଏହି ପରିବାର ଚଳିବାକୁ ମଧ୍ୟ ସେ କିଛି ଅର୍ଥ ପ୍ରଦାନ କରିଥିବା ଜଣାପଡିଛି। ସେହିପରି ଉକ୍ତ ଗ୍ରାମର ଭିନ୍ନକ୍ଷମ ଟୁଟୁ ମୁଦୁଲିଙ୍କୁ ଭିନ୍ନକ୍ଷମ ଭତ୍ତା ମିଳି ନ ଥିବା ଜାଣି କୁଲେସିକା ଭତ୍ତା ନ ମିଳିବା ଯାଏ ତୁମକୁ ନିଜ ପକ୍ଷରୁ ଭତ୍ତା ଆକାରରେ ଅର୍ଥ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଏବଂ ଚଳିତ ମାସର ଭତ୍ତା ବାବଦ ଅର୍ଥ ତାଙ୍କୁ ପ୍ରଦାନ କରିଥିଲେ। ପରେ ସେ ଆଇଡିଏସ୍ କେନ୍ଦ୍ରରେ ପହଞ୍ଚି ଅନାଥ ଶିଶୁଙ୍କ ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅନାଥ ଶିଶୁଙ୍କୁ ଜିଲା ପ୍ରଶାସନ ଥଇଥାନକରି ସେମାନଙ୍କ ଶିକ୍ଷା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଡାବୁଗାଁ ବ୍ଲକରେ ସର୍ବାଧିକ ବର୍ଷା ରେକର୍ଡ

ନବରଙ୍ଗପୁର,୧୪।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ୩ଦିନ ହେବ ଲଗାଣ ବର୍ଷା ଚାଲିଛି। ଚଳିତ ବର୍ଷର ନିଅଣ୍ଟିଆ ବର୍ଷା ଚାଷଜମିକୁ ସହାୟକ ହୋଇପାରିଛି। ଏହି ବର୍ଷା ଯୋଗୁ ବିଶେଷଭାବେ ଧାନ ଚାଷୀଙ୍କୁ ଆଶ୍ୱସ୍ତି ମିଳିଛି। ୧୩ ତାରିଖ ଗୋଟିଏ ଦିନରେ ଚଳିତ ବର୍ଷର ରେକର୍ଡ ଭାଙ୍ଗିଛି। ଡାବୁଗାଁ ବ୍ଲକରେ ସର୍ବାଧିକ ଓ ରାଇଘର ବ୍ଲକରେ କମ୍ ବର୍ଷା ହୋଇଥିବା ଜଣାପଡ଼ିଛି। ଜିଲା ଜରୁରିକାଳୀନ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ ଡାବୁଗାଁ ବ୍ଲକରେ ୧୪୦ମିମି, ଝରିଗାଁରେ ୯୨.୪ମିମି, ତେନ୍ତୁଳିଖୁଣ୍ଟିରେ ୮୯ମିମି, ନନ୍ଦାହାଣ୍ଡିରେ ୭୬ମିମି, ପାପଡ଼ାହାଣ୍ଡିରେ ୭୬ମିମି, କୋଷାଗୁମୁଡ଼ାରେ ୪୦.୨ମିମି, ଉମରକୋଟରେ ୪୮.୯ମିମି, ରାଇଘରରେ ୨୫ମିମି ଓ ଚନ୍ଦାହାଣ୍ଡି ବ୍ଲକରେ ୩୧ମିମି ବର୍ଷା ରେକର୍ଡ କରାଯାଇଛି।

### ଶାଗୁଆନ କାଠଗଣ୍ଡି ଜବତ, ୬ ଗିରଫ

ଡାବୁଗାଁ, ୧୪।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବନ ବିଭାଗ ଶାଗୁଆନ କାଠଗଣ୍ଡି ଜବତ କରିବା ସହ ୬ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପାତ୍ରୀ ଗ୍ରାମର ଗିରିଧର ହରିଜନ (୩୬), ମାନସିଂ ଭତ୍ରା (୨୩), ଭଞ୍ଜକିଶୋର ବେନିଆ (୩୨), ଜାମୁଗୁଡ଼ା ଗ୍ରାମର ଆସରନ ସାଗରିଆ (୩୦), ଖାଲିଗୁଡ଼ା ଗ୍ରାମର ଭଗବାନ ଭତ୍ରା (୫୩) ଓ ନବରଙ୍ଗପୁର ଥାନା ଅଧୀନ ମାଝିଗୁଡା ଗ୍ରାମର ଶୋଭନ ସୁନା (୩୩)। ସୂଚନାନୁଯାୟୀ, ବୁଧବାର ରାତିରେ ଡାବୁଗାଁ ବନ ବିଭାଗ କର୍ମଚାରୀ ପାଟ୍ରୋଲିଂ କରୁଥିବାବେଳେ ବିଳମ୍ବିତ ରାତ୍ରିରେ ଜଟାବାଲ ସେକ୍ସନ ଅଧୀନ ଗୋଡ଼େଗାଁ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏକ ବୋଲେରୋ ଗାଡ଼ି ରହିଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ଜଙ୍ଗଲ ଭିତରକୁ ଯିବାରୁ ଲୋକେ ଶାଗୁଆନ କାଠଗଣ୍ଡିକୁ ପିକ୍‌ଅପ ଗାଡ଼ିରେ ଲୋଡିଂ କରୁଥିବା ଦେଖିଥିଲେ। ବନ କର୍ମଚାରୀ ଗୋଡ଼େଗାଁ ବନ ସଂରକ୍ଷଣ ସମିତି ସଦସ୍ୟଙ୍କ ସହଯୋଗରେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଏହି ସମୟରେ କେତେଜଣ ଲୋକ ଖସି ପଳାଇଥିବାବେଳେ ୬ ଜଣଙ୍କୁ ଧରିବାରେ ବନ କର୍ମଚାରୀ ସକ୍ଷମ ହୋଇଥିଲେ। ଗୋଟିଏ ପିକ୍‌ଅପ ଗାଡ଼ି (ଓଡି-୨୪ଜି-୨୫୦୮), ବୋଲେରୋ (ଓଡି-୦୮ଏଲ୍-୧୮୨୪) ସହ ୫ଟି ଟାଙ୍ଗିଆ, ୩ଟି ମୋବାଇଲ, ୧୧ ଶାଗୁଆନ କାଠଗଣ୍ଡି ଜବତ କରାଯାଇଛି। ଜବତ କାଠର ଆନୁମାନିକ ସରକାରୀ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗ ସୂଚନା ଦେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ବନାଞ୍ଚଳ କାର୍ଯ୍ୟାଳୟ କେସ ନଂ.୯୭/୨୦୨୩-୨୪ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଚଢ଼ାଉରେ ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ଜଟାବାଲ ଭାରପ୍ରାପ୍ତ ବନପାଳ ସଦା ସାନ୍ତା, ବନରକ୍ଷୀ ପ୍ରକାଶ ସରକାର, ଉମାଶଙ୍କର ମିଶ୍ର, କାର୍ତ୍ତିକ ମାଝି, ପାରା ଷ୍ଟାଫ ଓ ଗୋଡ଼େଗାଁ ବନ ସଂରକ୍ଷଣ ସମିତିର ସଦସ୍ୟ ସାମିଲ ଥିଲେ।

### ଡିଭାଇଡରରେ ପିଟିହୋଇ ଯୁବକ ମୃତ

ଗୋପାଳପୁର,୧୪।୯(ନବୀନ ରାଜ ଆଚାରୀ):

ଗୋଲନ୍ଥରା ଥାନା ଅଧିନସ୍ଥ ଚଟି ନିକଟରେ ବାଇକ ୧୬ ନଂ ରାଜପଥରେ ବୁଧବାର ରାତିରେ ଜଣେ ବାଇକ ଚାଳକ ରାସ୍ତା ପାର୍ଶ୍ୱରେ ଥିବା ଡିଭାଇଡ଼ର ପିଟି ହୋଇ ପ୍ରାଣ ହରାଇଛନ୍ତି। ସେ ହେଲେ ରାମଚନ୍ଦ୍ରପୁଲୀ ଗ୍ରାମ ଏନ ନରେନ୍ଦ୍ର। କୋଣସି କାମରେ ନରେନ୍ଦ୍ର କନିସିଆସିବାଇକଯୋଗେ ଘରକୁଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଘରେ ପଶିଲାଣି ଆଣ୍ଠୁଏ ପାଣି

ନବରଙ୍ଗପୁର,୧୪।୯(ସଦାଶିବ ପ୍ରହରାଜ)


ଜଣେ ମହିଳା ବାଲ୍‌ଟିରେ ପାଣି କାଢୁଛନ୍ତି।

ଡ୍ରେନେଜ୍ ସିଷ୍ଟମ ଫେଲ୍। ଘର ଭିତରେ ପଶୁଛି ପାଣି। ୩ଦିନିଆ ଲଗାଣ ବର୍ଷା ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲାଣି। ନବରଙ୍ଗପୁର ସହର ଉପକଣ୍ଠରେ ଥିବା ହିର୍ଲି ଅଞ୍ଚଳର ସୁବାସ ଚନ୍ଦ୍ର ପାଢ଼ୀଙ୍କ ଘର ଭିତରେ ଆଣ୍ଠୁଏ ଲେଖାଏଁ ପାଣି । ଖବରପାଇ ନବରଙ୍ଗପୁର ପୌରପାଳିକା କାଉନ୍‌ସିଲର ଅମିତ ପ୍ରଧାନ ଲୋକଙ୍କ ନିକଟରେ ପହଞ୍ଚି ପାଣି ନିଷ୍କାସନର ବ୍ୟବସ୍ଥା କରୁଛନ୍ତି। ଉକ୍ତ ଅଞ୍ଚଳ ମ୍ୟୁନିସିପାଲିଟିରେ ଅଛି ନା ପଞ୍ଚାୟତ ଅଧୀନରେ ତାହା ଜିଲା ପ୍ରଶାସନ ସ୍ପଷ୍ଟ କରୁ ନ ଥିବାରୁ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇପାରୁନାହିଁ। ଏଥିପାଇଁ ପ୍ରଶାସନ ଦାୟୀ ବୋଲି ଲୋକେ କହିଛନ୍ତି। ନବରଙ୍ଗପୁର ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ସେଠାରେ ପହଞ୍ଚି କ୍ଷୟକ୍ଷତିର ତାଲିକା ପ୍ରସ୍ତୁତ କରିଛନ୍ତି। ମେଶିନ ସାହାଯ୍ୟରେ ଜଳ ନିଷ୍କାସନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ରାସ୍ତା ଉଚ୍ଚା ହେବା ଓ ଡ୍ରେନ୍‌ଗୁଡିକ ଠିକ୍ ଡିଜାଇନରେ ତିଆରି ନ ହେବାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ଲୋକେ ବର୍ଷାଦିନେ ବହୁ ଅସୁବିଧା ଭୋଗୁଛନ୍ତି। ଘରେ ଘରେ ଆଣ୍ଠୁଏ ପାଣି। ଲୋକେ ନା ରୋଷେଇ କରି ପାରୁଛନ୍ତି ନା ଟିକିଏ ଶୋଇ ପାରୁଛନ୍ତି। ଏପରିକି ପାଣି ଘରେ ପଶିବା ଯୋଗୁ ଘରର ବିଭିନ୍ନ ସାମଗ୍ରୀ ଓଦା ହୋଇ ରହିଛି। ଲୋକେ ଘରେ ପଶିଥିବା ପାଣିକୁ ବାଲ୍‌ଟିରେ ବାହାର କରୁଛନ୍ତି। ଏପରିକି ଘରେ ରୋଷେଇ କରି ନ ପାରି ଉପାୟ ଶୂନ୍ୟ ହୋଇ ଖାଇବା ବାହାରୁ କିଣି ଖାଉଛନ୍ତି। ପ୍ରତିବର୍ଷ ଏହି ଅଞ୍ଚଳବାସୀଙ୍କୁ ଏଭଳି ପରିସ୍ଥିତିର ସମ୍ମୁଖୀନ କରିବାକୁ ପଡୁଛି। ତଥାପି ଏହାର ସ୍ଥାୟୀ ସମାଧାନ କରାଯାଇପାରିଲା ନାହିଁ। ଏହାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗତ ସପ୍ତାହରେ ମଧ ସେଇ ଅଞ୍ଚଳର ଜଣେ ମହିଳାଙ୍କ ଘରେ ପାଣି ପଶି ଶେଷରେ ଘରଟି ସମ୍ପୂର୍ଣ୍ଣ ଭୁଶୁଡିଯାଇଥିଲା। ଆଜି ମଧ ଏ ଅଞ୍ଚଳର ଲୋକଙ୍କୁ ସମଦଶା ଭୋଗିବାକୁ ପଡିଛି। ବେଆଇନଭାବେ ଅନେକ ଲୋକ ଏ ଅଞ୍ଚଳକୁ ଜବରଦଖଲ କରି ଗୃହ ନିର୍ମାଣ କରୁଛନ୍ତି। ନାଳକୁ ବନ୍ଦ କରିଦେବା ଫଳରେ ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ। ଅନ୍ୟପଟେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାରେ ଏକ କଲଭର୍ଟ ନିର୍ମାଣ କରି ନାଳକୁ ସମ୍ପୂର୍ଣ୍ଣ ଭାବେ ପୋତି ଦିଆଯାଇଥିବାରୁ ପ୍ରତିବର୍ଷ ଏଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ଅଞ୍ଚଳର ଲୋକେ ଏବେ ବର୍ଷାକୁ ଭୟ କଲେଣି । ପୁଣି ବର୍ଷା ହେବ, ଆଉ ପୁଣି ଘରେ ଘରେ ପାଣି ପଶିଯିବ ଏ ଭୟ ସମସ୍ତଙ୍କୁ ଘାରୁଛି। ତେଣୁ ତୁରନ୍ତ ପ୍ରଶାସନ ଏହି ଅଞ୍ଚଳର ସମସ୍ୟା ପ୍ରତି ସ୍ଥାୟୀ ସମାଧାନ କରିବାକୁ ଦାବି କରାଯାଇଛି।

## ଲୋକଙ୍କୁ ସୁରକ୍ଷା, କ୍ଷୟକ୍ଷତି ଆକଳନ ନିର୍ଦ୍ଦେଶ

ନବରଙ୍ଗପୁର,୧୪।୯(ସଦାଶିବ ପ୍ରହରାଜ)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ନବରଙ୍ଗପୁର ଏବଂ ଉମରକୋଟ ପୌରାଞ୍ଚଳର ତଳିଆ ଅଞ୍ଚଳରେ ବର୍ଷାପାଣି ଅଟକି ଲୋକଙ୍କ ସମସ୍ୟା ହେବା ଆଶଙ୍କା ରହିଛି। ତେଣୁ ଏ ଦିଗରେ ନଜର ରଖିବା ସହ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ କମଳଲୋଚନ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଇନ୍ଦ୍ରାବତୀ, ଭାସ୍କେଲ ଏବଂ ତୁରୀ ନଦୀ କୂଳରେ ଥିବା ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, ନବରଙ୍ଗପୁର, କୋଷାଗୁମୁଡ଼ା, ଡାବୁଗାଁ ଏବଂ ପାପଡାହାଣ୍ଡି ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟିହେବା ଆଶଙ୍କା ରହିଛି। ସମ୍ପୃକ୍ତ ବ୍ଲକ ଅନ୍ତର୍ଗତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରିସ୍ଥିତି ଉପରେ ନଜର ରଖି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ତଳୁଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ତହସିଲଦାର ଓ ବିଡିଓଙ୍କୁ କୁହାଯାଇଛି। ବର୍ଷାର ପରିମାଣ ଜିଲା ଜରୁରିକାଳୀନ କାର୍ଯ୍ୟାଳୟକୁ ତୁରନ୍ତ ଜଣାଇବାକୁ କୁହାଯାଇଛି। ବନ୍ୟା, ବାତ୍ୟା, ଭୂସ୍ଖଳନ, ଘଡ଼ଘଡ଼ି କିମ୍ବା ଅତ୍ୟଧିକ ବର୍ଷାଜନିତ କୌଣସି କ୍ଷୟକ୍ଷତିର ଘଟଣା ତୁରନ୍ତ ଜିଲା କାର୍ଯ୍ୟାଳୟକୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲଗାଣ ବର୍ଷା ଯୋଗୁ ଯଦି କାହାର ଘର ଭାଙ୍ଗି ନଷ୍ଟ ହୋଇଯାଇଥାଏ ତୁରନ୍ତ ସେମାନଙ୍କୁ ପଲିଥିନ ଯୋଗାଇ ଦେବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲଗାଣ ବର୍ଷା ଯୋଗୁ ପାଣିରେ ବୁଡି ରହିଥିବା ରାସ୍ତା କିମ୍ବା ପୋଲ ଉପର ଦେଇ ବର୍ଷାଜଳ ପ୍ରବାହିତ ହେଉଥିଲେ ରାସ୍ତାର ଉଭୟ ପାର୍ଶ୍ୱକୁ ବାଡ଼ ଦେଇ ରାସ୍ତା ଅବରୋଧ କରିବା ସକାଶେ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଧୀରେ ଧୀରେ କମିଲାଣି ସୁସ୍ୱାଦୁ ଜମିମାଛ


ଜମି ମାଛ ସଂଗ୍ରହ କରିବା ପାଇଁ ଲଗାଯାଇଥିବା ବିଶର।

ନନ୍ଦାହାଣ୍ଡି,୧୪।୯ (ପ୍ରଦୀପ କୁମାର ଦାଶ)

**ଅଭାବୀ ବର୍ଷା, ରାସାୟନିକ ସାର, କୀଟନାଶକକୁ ଦାୟୀ କରୁଛନ୍ତି ଲୋକେ**

ନବରଙ୍ଗପୁର ଜିଲାରେ ପ୍ରତିବର୍ଷ ସାଧାରଣତଃ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବରରେ ପ୍ରବଳ ବର୍ଷା ହୁଏ। ଏହି ବର୍ଷାଜଳରେ ଚାଷ କାମ କରାଯାଏ। ଧାନ ରୁଆ ସରିବା ପରେ ବର୍ଷା ଯୋଗୁ ଉପରମୁଣ୍ଡର ପାଣି ତଳକୁ ବୋହିବା ସହ ଏହି ପାଣିରେ ତୁରୁଞ୍ଜା ବାମି, ପିତା, ବୁଜି ମାଛ ଏବଂ ଦେଶୀ କଙ୍କଡା ବହି ଆସିଥାନ୍ତି। ସ୍ଥାନୀୟ ଅଞ୍ଚଳରେ ଏହି ସବୁ ମାଛର ଚାହିଦା ଖୁବ୍ ବେଶି। ତେଣୁ ଲୋକେ ଦାନ୍ଦର ଏବଂ ବିଶର ଲଗାଇ ଏହି ସବୁ ମାଛ ଧରି ତାହାକୁ ଚଢ଼ା ଦରରେ ବିକ୍ରି କରିଥାନ୍ତି। ତୁରୁଞ୍ଜା ମାଛକୁ ଶୁଖାଇ ଏହାର ଶୁଖୁଆ କିଲୋ ପ୍ରତି ପ୍ରାୟ ୩୦୦୦ ଟଙ୍କାରେ ବିକ୍ରି କରାଯାଏ। ଏହି ମାଛ ଏବଂ ଶୁଖୁଆର ଚାହିଦା ଏତେ ବେଶି ଯେ ପାଖ ଗାଁ, ସହରାଞ୍ଚଳ ସହ ବାହାର ରାଜ୍ୟରେ ରହୁଥିବା ଲୋକେ ମଧ ଚଢ଼ା ଦରରେ ଏହାକୁ କିଣିବାକୁ କୁଣ୍ଠାବୋଧ କରନ୍ତି ନାହିଁ। ଚଳିତ ବର୍ଷ କିନ୍ତୁ ଏସବୁ ମାଛ ଦେଖିବାକୁ ମିଳୁନାହିଁ।

ନନ୍ଦାହାଣ୍ଡି ବ୍ଲକ ୧୧ ପଞ୍ଚାୟତରେ ଏହି ବର୍ଷ ୭୦୭୩ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ଅଗଷ୍ଟ ଓ ସେପ୍ଟେମ୍ବରରେ ଯେଉଁ ପରିମାଣର ବର୍ଷା ହେବା କଥା ତା' ଠାରୁ କମ୍ ହେବାରୁ ଉପରମୁଣ୍ଡରୁ ପାଣି ତଳ ଜମିକୁ ବୋହିବା ଦେଖାଯାଇନାହିଁ। ଅମଳ ବଢ଼ାଇବା ପାଇଁ ବିଭିନ୍ନ ପ୍ରକାର ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ କରାଯାଉଛି। ରାସାୟନିକ ସାର ଏବଂ କୀଟନାଶକ କୁପ୍ରଭାବ ଯୋଗୁ ଏସବୁ ମାଛ ଏବଂ କଙ୍କଡା ଲୁପ୍ତହେବାକୁ ଲାଗିଲେଣି ବୋଲି ମାଛ ସଂଗ୍ରହକରି ବିକ୍ରି କରୁଥିବା ଚାଷୀ ମାନେ କହିଛନ୍ତି। ଏବେ କିଛିଦିନ ହେବ ବର୍ଷା ଲାଗି ରହିଛି। ମାଛ ପାଇବା ଆଶାରେ ଚାଷୀ ବିଶର ଓ ଦାନ୍ଦର ଲଗାଇଥିଲେ। କିନ୍ତୁ ମାଛ ପଡୁ ନ ଥିବା ସେମାନେ କହିଛନ୍ତି।

## ପିଲାଙ୍କୁ ନିୟମିତ ସ୍କୁଲ ପଠାଇବାକୁ ପରାମର୍ଶ

### ସ୍କୁଲରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

ତେନ୍ତୁଳିଖୁଣ୍ଟି, ୧୪।୯(ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକର ପାତ୍ରପୁଟ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପ୍ରଧାନ ଶିକ୍ଷକ ବ୍ରଜବଲ୍ଲଭ ବ୍ରହ୍ମାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ବିଶୋୟୀ, ଡିଏସ୍‌ଏସ୍‌ଓ ହିମାଂଶୁ ଶେଖର ପାତ୍ର, ଡବ୍ଲ୍ୟୁଇଓ ଜଗମୋହନ ମାଝି, ବିଦ୍ୟାଳୟ ସଭାପତି ଲକ୍ଷ୍ମଣ ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପିଲାମାନଙ୍କୁ ନିୟମିତ ସ୍କୁଲ ପଠାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସରକାର ଆଦିବାସୀ ହରିଜନ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଅନେକ ସୁବିଧା କରିଛନ୍ତି। ଏହାର ସୁଯୋଗ ନେବାକୁ ଅଭିଭାବକମାନଙ୍କୁ ବୁଝାଯାଇଛି। କାର୍ଯ୍ୟକ୍ରମରେ କୃଷି, ବ୍ଲକ ସମନ୍ୱିତ ଶିଶୁ ବିକାଶ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମିଶନ ଶକ୍ତି, ଆଇଟିଡିଏ ପକ୍ଷରୁ ଷ୍ଟଲ୍ ନିର୍ମାଣ କରାଯାଇଛି। ଉପସ୍ଥିତ ଅତିଥି, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଷ୍ଟଲ୍‌ଗୁଡ଼ିକ ବୁଲି ଦେଖିଥିଲେ। କୃଷି ବିଭାଗ ଷ୍ଟଲ୍‌ରେ ସବୁଠାରୁ ବେଶି ଭିଡ଼ ଦେଖିବାକୁ ମିଳିଥିଲା। ଏଥିରେ କୃଷି ଓଭରସିୟର ଧୀରେନ କୁମାର ବେନ୍ୟା, ହରିଶଙ୍କର ତ୍ରିପାଠୀ ବାଲଗୋବିନ୍ଦ ସାହୁ ଯୋଗଦେଇ ସରକାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୁଇଜ, ଖେଳକୁଦ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ଶିକ୍ଷକ ବିନୋଦ ତୋରାସିଆ ମଞ୍ଚ ପରିଚାଳନା କରିଥିଲେ।

## କାରାଗାର କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ



ଉମରକୋଟ, ୧୪।୯(ସନ୍ତୋଷ ଶତପଥୀ)

ନିଖିଳ ଓଡ଼ିଶା କାରାଗାର କର୍ମଚାରୀ ସଂଘ ଆହ୍ୱାନକ୍ରମେ ସବ୍‌ଜେଲ ଉମରକୋଟ ଉପକାରାଗାର କର୍ମଚାରୀମାନେ ୫ ଦଫା ଦାବି ପୂରଣ ନେଇ କଳାବ୍ୟାଜ୍ ପରିଧାନ କରି କାମ କରୁଛନ୍ତି। ୨୪ ତାରିଖ ଯାଏ ଏପରି କରିବେ ବୋଲି ଉମରକୋଟ କାରାଗାର କର୍ମଚାରୀ ସଂଘ ସଭାପତି ସରୋଜ କୁମାର ମିଶ୍ର ସୂଚନା ଦେଇଛନ୍ତି।

କାରାରକ୍ଷୀଙ୍କ ଗ୍ରେଡ୍‌ପେକୁ ୧୯୦୦ ରୁ ୨୦୦୦ କୁ ବୃଦ୍ଧି, ମୁଖ୍ୟ କାରାଗାର ରକ୍ଷୀଙ୍କ ଗ୍ରେଡ୍‌ପେକୁ ୨୦୦୦ ରୁ ୨୪୦୦କୁ ବୃଦ୍ଧି, କାରାରକ୍ଷୀରୁ ମୁଖ୍ୟ କାରାରକ୍ଷୀ ପଦବୀ ପୂରଣ, ପଦୋନ୍ନତି ନିୟମ ୨୦୧୨କୁ ଲାଗୁ, ଉପଖଣ୍ଡସ୍ତରକୁ ବଦଳି ନିୟମ କୋହଳ, ଖାଦ୍ୟ ଭତ୍ତାକୁ ୪୦୦ ଟଙ୍କାରୁ ୧୪୦୦ ଟଙ୍କାକୁ ବୃଦ୍ଧି, ୧୩ ମାସିଆ ଦରମା ସପ୍ତମ ବେତନ କମିଶନ ଭିତ୍ତିରେ କରିବାକୁ ଦାବି କରାଯାଇଛି। ୨୪ ତାରିଖ ସୁଦ୍ଧା ଦାବିପୂରଣ ନ ହେଲେ ୨୫ରୁ ଖାଦ୍ୟ ଓ ଜଳ ଗ୍ରହଣ ନ କରି କଳାବ୍ୟାଜ୍ ପରିଧାନ କରି ଶାନ୍ତିଶୃଙ୍ଖଳାର ସହ କର୍ତ୍ତବ୍ୟ ସମ୍ପାଦନ କରିବେ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ଏଥିରେ କୌଣସି କର୍ମଚାରୀଙ୍କ କିଛି କ୍ଷତି ହେଲେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସଂଘ ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ଉମରକୋଟ କାରାଗାର କର୍ମଚାରୀ ସଂଘ ସଭାପତି ସରୋଜ କୁମାର ମିଶ୍ର, ଉପସଭାପତି କୈଳାସ ଚନ୍ଦ୍ର ମାଝି, ସମ୍ପାଦକ ରଞ୍ଜିତ କୁମାର ବାଗ, କୋଷାଧ୍ୟକ୍ଷ ଭକ୍ତ ହରି ଖୋସ୍‌ଲାଙ୍କ ସମେତ ସମସ୍ତ ୧୨ ଜଣ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ଅଭିଭାବକ, ଶିକ୍ଷକଙ୍କ ସମନ୍ୱୟ ଗୁରୁତ୍ୱପୂର୍ଣ୍ଣ

ଡାବୁଗାଁ, ୧୪।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)



ବୈଠକରେ ମଞ୍ଚାସୀନ ଅତିଥିମାନେ ।

ଡାବୁଗାଁ ବଡ଼ଓଲମା ଆଶ୍ରମ ବିଦ୍ୟାଳୟରେପ୍ରଧାନ ଶିକ୍ଷକ ସଞ୍ଜୀବ ପଣ୍ଡାଙ୍କ ଅଧ୍ୟକ୍ଷତା 'ଅଭିଭାବକ ଜଣେ ଅଂଶୀଦାର' ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିଭାବକ ଓ ଶିକ୍ଷକ ସବୁବେଳେ ସମନ୍ୱୟ ରକ୍ଷା କରିବାକୁ କହିଥିଲେ। ଛାତ୍ରୀମାନଙ୍କୁ ନେଇ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଆଶ୍ରମ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗଦୀଶ ଭତ୍ରା, ହାଇସ୍କୁଲ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ବିଷୋୟୀ, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ବିଷୋୟୀ, ଜିଲା ପର୍ଯ୍ୟବେକ୍ଷକ ଫକୀର ରାଉତ, ବ୍ଲକ ପର୍ଯ୍ୟବେକ୍ଷକ ମହେଶ୍ୱର ନାଥ, ସହକାରୀ ମତ୍ସ୍ୟାଧିକାରୀ ସୁରେନ୍ଦ୍ର କାଣ୍ଡି, ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବଦ୍ରି ପ୍ରସାଦ ନାୟକ, ଫାର୍ମାଶିଷ୍ଟ ଦିଲୀପ ଗୁପ୍ତା, ଯୋଗାଣ ବିଭାଗ କମ୍ପ୍ୟୁଟର ସହାୟକ ସାମୁଏଲ ସାଧୁ, ରଶ୍ମିରେଖା ସ୍ୱାଇଁ, ଦମୟନ୍ତୀ ସ୍ୱାଇଁ, ଅସିତ ପଣ୍ଡା, ଗୌତମ ଦାଶ, ଉମାକାନ୍ତ ବିଶ୍ୱାଳ, ଅଫଜଲ ଅବଦୁଲ ଗଫର, ଜଗଦୀଶ ସାହୁ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିକ୍ଷକ ଭୋଜରାଜ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ


ଡାବୁଗାଁ ପଞ୍ଚାୟତ ସୁବିଧା କେନ୍ଦ୍ର ଗୃହକୁ ଏମ୍‌ପି ଓ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

ଡାବୁଗାଁ, ୧୪।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କରିଛନ୍ତି। ଏଥିରେ ଡାବୁଗାଁରେ ୧୦ ଲକ୍ଷ ଟଙ୍କାର ପଞ୍ଚାୟତ ସୁବିଧା କେନ୍ଦ୍ର ଗୃହ ଓ ମେଦନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୩୧ ଲକ୍ଷ ବ୍ୟୟରେ ଲେବର ଗୃହ ଓ କେଲିଆ ଗ୍ରାମରେ ଏମ୍‌ପି, ବିଧାୟକ ପାଣ୍ଠିରୁ ୪ ଲକ୍ଷ ବ୍ୟୟରେ ଅଲେଖ ମନ୍ଦିର ଉଦ୍‌ଘାଟନ କରାଯାଇଛି। ଚଚରାଗୁଡ଼ା ପଞ୍ଚାୟତର ହଳଦୀ, ଭେଲୁଆଗୁଡ଼ା ଓ ଭଣ୍ଡିମାଳ ଗ୍ରାମରେ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରର ଶିଳାନ୍ୟାସ କରାଯାଇଛି। ଏହି ସମୟରେ ଏମ୍‌ପି ଓ ବିଧାୟକଙ୍କ ବ୍ୟତୀତ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବୀଣା ମାଝି, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ମେଦନା ସରପଞ୍ଚ ସୁମିତ୍ରା ମାଝି, ଚଚରାଗୁଡା ସରପଞ୍ଚ ରଞ୍ଜୁ ଭତ୍ରା, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଜିଲା ମହିଳା ବିଜେଡି ସମ୍ପାଦିକା ସ୍ୱର୍ଣ୍ଣଲତା ଭତ୍ରା, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ହୀରା ହରିଜନ, ବ୍ଲକ ବିଜେଡି ମହିଳା ମିଡିଆ ସେଲ୍‌ର ସବିତା ମହାନ୍ତିଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

## ଅକ୍ଟୋବରରେ ଲୋକାର୍ପଣ ହେବ ବିଜୁ ଶିଶୁ ଉଦ୍ୟାନ

ଉମରକୋଟ, ୧୪।୯(ସନ୍ତୋଷ ଶତପଥୀ)

**୩ ବର୍ଷ ହେଲା ବନ୍ଦ ହୋଇ ପଡ଼ିଥିଲା**




ନବରଙ୍ଗପୁର ଜିଲାର ଉମରକୋଟ ସହର ହେଉଛି ପ୍ରମୁଖ ବ୍ୟବସାୟିକ କେନ୍ଦ୍ର। ଏଠାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଅଫିସ, ବହୁ ବ୍ୟାଙ୍କ ଓ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଏଥିସହ ଏଠାରେ ବାହାର ରାଜ୍ୟର ଭିନ୍ନ ଭିନ୍ନ ଭାଷାଭାଷୀ ଲୋକ ରହି ଆସୁଛନ୍ତି। ସହରବାସୀ ବିଶେଷକରି ଛୋଟ ପିଲାଙ୍କ ମନୋରଞ୍ଜନ ପାଇଁ ଏଠାରେ କୌଣସି ବ୍ୟବସ୍ଥା ନାହିଁ। ଉମରକୋଟ ସହର ନୂତନ ବସ୍‌ଷ୍ଟାଣ୍ଡରେ ପିଲାଙ୍କ ମନୋରଞ୍ଜନ ପାଇଁ ଏକ ପାର୍କ ରହିଥିଲା। କିନ୍ତୁ ତାହା ପ୍ରାୟ ୩ ବର୍ଷ ହେଲା ବନ୍ଦ ହୋଇ ପଡି ରହିଛି। ବିଭିନ୍ନ ମହଲରୁ ଏହାର ନବୀକରଣ ପାଇଁ ପୌରସଂସ୍ଥା ଉପରେ ଚାପ ପଡିଥିଲା। ଏହାକୁ ଦୃଷ୍ଟିରେ ରଖି ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ ନିର୍ବାହୀ ଅଧିକାରୀ ଋଷି ମାଝି, ସହକାରୀ ଯନ୍ତ୍ରୀ ମନୋଜ ପାତ୍ରଙ୍କ ସହ ଆଲୋଚନ କରିଛନ୍ତି। ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନାରେ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶିଶୁ ଉଦ୍ୟାନ ନବୀକରଣ କରାଯାଇଛି। କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ରହିଛି। କେବଳ ରଙ୍ଗ ମରା କାମ ବାକି ରହିଛି। ଏଠାରେ ପିଲାମାନଙ୍କ ପାଇଁ ସ୍ଲାଇଡର, ଡାଇନୋସର, ଦୋଳି, ବ୍ୟାୟାମ ଉପକରଣ, ଆକୁପ୍ରେସର ,ପାଣି ସ୍ପ୍ରେ, ପିଲାଙ୍କ ଝୁଲା ଆଦି ସୁବିଧା ରହିଛି। ଉକ୍ତ ଶିଶୁ ଉଦ୍ୟାନକୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ଲୋକାର୍ପିତ କରାଯିବ ବୋଲି ପୌରାଧ୍ୟକ୍ଷା ରାଧା ଭତ୍ରା ସୂଚନା ଦେଇଛନ୍ତି। ସରକାରଙ୍କ ଅନୁଦାନରୁ ତିଆରି କରାଯାଇଥିବା ଏହି ଶିଶୁ ଉଦ୍ୟାନଟି ସର୍ବସାଧାରଣଙ୍କ ମନୋରଞ୍ଜନ ପାଇଁ ଉର୍ଦ୍ଦିଷ୍ଟ। ଉକ୍ତ ପାର୍କରେ ଲାଗିଥିବା ସମସ୍ତ ଉପକରଣ ନିଜେ ଯତ୍ନ ନେବା ଉଚିତ। ଏଥିପ୍ରତି ପ୍ରତ୍ୟେକ ବ୍ୟକ୍ତି ଯତ୍ନବାନ ହେବା ଆବଶ୍ୟକ ବୋଲି ପୌରାଧ୍ୟକ୍ଷା ସହରବାସୀଙ୍କୁ ଅନୁରୋଧ କରିଛନ୍ତି। ଲୋକାର୍ପଣ ପରେ ଏହି ପାର୍କର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଏକ ଏସ୍‌ଏଚ୍‌ଜିକୁ ଦିଆଯିବ। ପ୍ରତିଦିନ ପାର୍କ ଖୋଲାଯିବା ବ୍ୟବସ୍ଥା ରହିଛି ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

## ମାଳୀ, ରଣା ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେଲେ ଆନ୍ଦୋଳନ

ଚନ୍ଦାହାଣ୍ଡି, ୧୪।୯(ଦିଲୀପ ଦାସ)


ବୈଠକରେ ଉପସ୍ଥିତ ଆଦିବାସୀ ସଂଘ ସଦସ୍ୟ ଓ ଗ୍ରାମବାସୀ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କୋଇଲିମୁଣ୍ଡା ପଞ୍ଚାୟତ କୋଇଲିମୁଣ୍ଡା ବଜାର ପଡ଼ିଆରେ ପଞ୍ଚାୟତସ୍ତରୀୟ ଏକ ବୈଠକ ସରପଞ୍ଚ ହରଲାଲ ଝାଙ୍କରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। କୋଇଲିମୁଣ୍ଡା ପଞ୍ଚାୟତସ୍ତରୀୟ ଆଦିବାସୀ ସଂଘ ଗଠନ ଓ କର୍ମକର୍ତ୍ତା ଚୟନ କରାଯାଇଛି। ତେବେ ସଂଘ ଗଠନ ସହ ଆଦିବାସୀଙ୍କ ହକ୍ ଓ ଅଧିକାର ଉପରେ ଗୁରୁତ୍ୱ ଦିଆଯାଇଛି। ରଣା ଓ ମାଳୀ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ପରିସରଭୁକ୍ତ କରିବାକୁ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ବୈଠକରେ ବିରୋଧ କରାଯାଇଛି।

ଆମେ ପ୍ରକୃତିର ପୂଜକ । ଆମ ପରମ୍ପରା, ସଂସ୍କୃତି ଅନୁଯାୟୀ ଉଭୟ ମାଳୀ ଓ ରଣା ଜାତି ପୂଜାପାଠ ବି କରନ୍ତି ନାହିଁ। ଆମେ ଭିନ୍ନ ସଂସ୍କୃତିରେ ବଞ୍ଚୁଛୁ। ତେଣୁ ଆମେ ସ୍ୱତନ୍ତ୍ର। ଆମ ସହ ମାଳୀ ଓ ରଣା ସମ୍ପ୍ରଦାୟକୁ ତୁଳନାକରି ଆଦିବାସୀ ଭାବେ ସରକାର ସେମାନଙ୍କୁ ଗଣନା କରନ୍ତୁ ନାହିଁ ବୋଲି ସରପଞ୍ଚ ହରଲାଲ ଝାଙ୍କର କହିଥିଲେ। ସରକାର ମାଳୀ ଓ ରଣା ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେଲେ ଏହାର ପରିଣତି ଅଲଗା ହେବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ଉକ୍ତ ବୈଠକରେ ସର୍ବସମ୍ମତିକ୍ରମେ ପଞ୍ଚାୟତସ୍ତରୀୟ କୁମର ନାୟକଙ୍କୁ ସଭାପତି, ହରଲାଲ୍ ବଞ୍ଜରାଙ୍କୁ ଉପସଭାପତି, ପ୍ରଫୁଲ୍ଲ ମାଝିଙ୍କୁ ସମ୍ପାଦକ, ଈଶ୍ୱର ମାଝିଙ୍କୁ ସହସମ୍ପାଦକ ଓ କୋଷାଧ୍ୟକ୍ଷଭାବେ ମେଘନାଦ ମାଝିଙ୍କୁ ଚୟନ କରାଯାଇଛି। ବୈଠକରେ କୋଇଲିମୁଣ୍ଡା ପଞ୍ଚାୟତର କେଦାର ମାଝି, କମଲୁ ମାଝି, କମଲୁ ବଞ୍ଜାରା, ସୁଧେବ ନାୟକ, କତୁରାମ ମାଝିଙ୍କ ସମେତ ଶତାଧିକ ଆଦିବାସୀ ଶ୍ରେଣୀୟ ଲୋକ ଉପସ୍ଥିତ ଥିଲେ। ଆଦିବାସୀ ସଂଘ ଚନ୍ଦାହାଣ୍ଡି ବ୍ଲକ ସଭାପତି ଲଛମନ ମାଝି ଓ କର୍ମକର୍ତ୍ତା ଅଭୟ ସିଂ ଭୋଇ, ଭୀଷ୍ମ ମାଝି, ମୁରଲୀଧର ପୂଜାରୀ, ସନୀନ୍ଦ୍ର ନେତାମ, ବିପିନ ପୂଜାରୀ, ଗୁପ୍ତେଶ୍ୱର ପୂଜାରୀ, ମହେଶ ମାଝି, ମେଘନାଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

